**ଛେଳି ଆଣିବାକୁ ଯାଇ ନାବାଳିକା ନିଖୋଜ**

ପାଟଣା,(ବୀରକିଶୋର ଦାଶ)-କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅଧୀନ ଅଙ୍ଗିକଳା ଅଞ୍ଚଳର ଜଣେ ୧୪ ବର୍ଷୀୟ ନାବାଳିକା ନିଖୋଜ ହୋଇଯାଇଥିବା ନେଇ ପରିବାର ପକ୍ଷରୁ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ସୋମବାର ସନ୍ଧ୍ୟାରେ ନାବାଳିକା ଜଣକ ଘର ପାଖ ପଡ଼ିଆକୁ ଛେଳି ଆଣିବା ପାଇଁ ଯାଇଥିଲେ। ପରେ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ତୁରୁମୁଙ୍ଗା ଥାନାରେ ଏକ ମାମଲା (ନଂ.୨୪୯/୨୪) ରୁଜୁ ହୋଇଛି।

## କେନ୍ଦୁଝର

# ଘର ନିର୍ମାଣ କରି ପାଇନାହାନ୍ତି ଟଙ୍କା

ଛେନାପଦି,୨୭।୮(ନିରାକାର ପରିଡା)

**ଜିଲାପାଳଙ୍କ ମିଳିତ ଜନଶୁଣାଣି**

**ଅଭିଯୋଗ କଲେ ହିତାଧିକାରୀ**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ୍‌ରେ ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିଶାଳ ସିଂ, ଜିଲା ଆରକ୍ଷୀ ଅଧୀକ୍ଷକ ନିତିନ କୁଶଲକର, ଅତିରିକ୍ତ ଜିଲାପାଳ ଆଲୋକ ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଟକୋ କୁଜୁର, ପ୍ରକଳ୍ପ ଅଧିକାରୀ କୁମାର ନାଗଭୂଷଣ, ଜିଲା ଚିକିତ୍ସା ଅଧିକାରୀ କିଶୋର କୁମାର ପୃଷ୍ଟି, ଜିଲା ଶିକ୍ଷା ଅଧିକାରୀ ପ୍ରମୁଖ ଅଭିଯୋଗ ଶୁଣାଣି କରିଥିଲେ। ମୋଟ ୧୫୦ଟି ଅଭିଯୋଗ ଆସିଥିବା ବେଳେ ସେଥିରୁ ଆବାସ ଯୋଜନାରେ ଗୃହ ନିର୍ମାଣ ସମ୍ପର୍କିତ ୫୭ଟି ଅଭିଯୋଗ ଥିଲା। ଯେଉଁଥିରେ ହିତାଧିକାରୀମାନେ ଗୃହ ନିର୍ମାଣ କରିସାରିଥିଲେ ସୁଦ୍ଧା ଆଜିଯାଏ ଅର୍ଥ ପାଇପାରି ନ ଥିବା ନେଇ ଅଭିଯୋଗ କରିଛନ୍ତି। ସେହିପରି ବିଭିନ୍ନ ଭତ୍ତାକୁ ନେଇ ୩୨ଟି ଅଭିଯୋଗ ଦାଖଲ ହୋଇଥିଲା ବେଳେ ଆର୍ଥିକ ସହାୟତା ପାଇବାରୁ ବଞ୍ଚିତ ନେଇ ୨୫ଟି, ଗୋଟିଏ ପରିବାର ବିଭାଜନ ହୋଇ ୨ଟି ପୃଥକ୍ ରାଶନ କାର୍ଡ କରିବା ନେଇ ଗୋଟିଏ ଅଭିଯୋଗ, କୃଷି ସମ୍ବନ୍ଧୀୟ ୫ଟି ଏବଂ ରାଜସ୍ୱ ବିଭାଗ ପାଇଁ ୩୦ଟି ଅଭିଯୋଗପତ୍ର ଦାଖଲ ହୋଇଥିଲା। ଶିବିରକୁ ଆସିଥିବା ୯ ଦିବ୍ୟାଙ୍ଗଙ୍କୁ ବ୍ୟାଟେରି ଚାଳିତ ଟ୍ରାଇସାଇକେଲ ବଣ୍ଟନ କରାଯାଇଛି। କେତେଜଣ ଦିବ୍ୟାଙ୍ଗଙ୍କ ଟ୍ରାଇସାଇକେଲର ବ୍ୟାଟେରି ଖରାପ ହୋଇଥିଲା ବେଳେ କିଛି ଯନ୍ତ୍ରାଂଶ ଖରାପ ହୋଇଥିବା ଅଭିଯୋଗ ଆସିଥିଲା। ସୁଲଣ ପଞ୍ଚାୟତର ବିରି ପ୍ରାଥମିକ ବିଦ୍ୟାଳୟକୁ ଲମ୍ବିଥିବା ରାସ୍ତା ଶୋଚନୀୟ ହୋଇଥିବାରୁ ମରାମତି ପାଇଁ ସରପଞ୍ଚଙ୍କ ପ୍ରତିନିଧି ଦିଲୀପ କୁମାର ମଲ୍ଲିକ ଲିଖିତ ଭାବେ ଜଣାଇଛନ୍ତି।

ଗଡ଼ଚଣ୍ଡୀ ମନ୍ଦିରର ଆବଶ୍ୟକ ସୁବିଧା ଲାଗି ଉନ୍ନତୀକରଣ କାର୍ଯ୍ୟ ପାଇଁ ପୂର୍ବରୁ ଆଗତ ୪୫ ଲକ୍ଷ ଟଙ୍କା ତୁରନ୍ତ ମଞ୍ଜୁରୀ କରିବାକୁ ମନ୍ଦିର କମିଟି ପକ୍ଷରୁ ଦାବି କରାଯାଇଥିଲା। ଜନବସତି ମଧ୍ୟରେ ଥିବା କୁକୁଡ଼ା ଫାର୍ମ ଉଚ୍ଛେଦ ପାଇଁ ବାଲିବରେଇ ପଞ୍ଚାୟତ ବାସିନ୍ଦା ଜିଲାପାଳଙ୍କୁ ଭେଟି ଦାବି ଜଣାଇଛନ୍ତି।

ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ବ୍ଲକ ଅଧକ୍ଷା ସାବିତ୍ରୀ ସେଠୀ, ହଦଗଡ଼ ବନାଞ୍ଚଳ ଅଧିକାରୀ ମାର୍ଶାଲ କିସ୍କୁ, ବନପାଳ ମଳୟ ସାହୁ, ହାଟଡିହୀ ଶିକ୍ଷାଧିକାରୀ ଓଁକାର ଅନ୍ୱେଷ, ସହ ଶିକ୍ଷାଧିକାରୀ ପ୍ରମୋଦ ନାୟକ, ଅବକାରୀ ଥାନା ଅଧିକାରୀ ସ୍ମିତା ବେହେରାଙ୍କ ସହ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ଶିବିରରେ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

# କନ୍ତୋ ଗାଁରେ ଗୋଠଛଡ଼ା ଦନ୍ତା ଆତଙ୍କ

ରାମଚନ୍ଦ୍ରପୁର,୨୭।୮(ଗଣେଶ୍ୱର ସା)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଘସିପୁରା ଥାନା ଧକୋଠା ପଞ୍ଚାୟତ କନ୍ତୋ ଗ୍ରାମରେ ଏକ ଗୋଠ ଛଡ଼ା ଦନ୍ତା ହାତୀ ଆତଙ୍କ ଖେଳାଇଛି। ସୋମବାର ବିଳମ୍ବିତ ରାତିରେ ଏହି ଦନ୍ତା ଗ୍ରାମର ଚିତ୍ତରଞ୍ଜନ ରାଉତଙ୍କ ଘର ଭିତରେ ପଶି ଧାନ ଚାଉଳ ଖାଇ ଯାଇଥିବା ବେଳେ ଘର ଆଗରେ ଥିବା ନଳକୂପକୁ ଓପାଡ଼ି ଦେଇଥିଲା। ରାଉତଙ୍କ ବାଡ଼ିରେ ଲାଗିଥିବା ଆଖୁ,ବାଇଗଣ, ବିଲାତି, ଭେଣ୍ଡି, ଜହ୍ନି, କାକୁଡ଼ି ଖାଇବା ସହ ଦଳି ଚକଟି ନଷ୍ଟ କରିଛି। ସେହିପରି କନ୍ତୋ ବଜାରରେ ରମେଶ ଧୀରଙ୍କ ଚା' ଦୋକାନ ଓ ରଙ୍ଗ ନାୟକଙ୍କ ଜଳଖିଆ ଦୋକାନକୁ ମଧ୍ୟ ଭାଙ୍ଗି ଦେଇଥିବା ପରିଲକ୍ଷିତ ହୋଇଛି। କିଛିଦିନ ହେବ ଏହି ଗୋଠ ଛଡ଼ା ଦନ୍ତା ଅଞ୍ଚଳରେ ଅବାଧ ବିଚରଣ କରୁଥିବା ବେଳେ ରାତି ପ୍ରାୟ ଗୋଟାଏ ବେଳେ କନ୍ତୋ ଗ୍ରାମରେ ପଶି ବ୍ୟାପକ କ୍ଷୟକ୍ଷତି କରିଛି। ହାତୀଟି ଗାଁ ଭିତରେ ପଶିଥିବା ବେଳେ ବନ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ କୌଣସି ସତର୍କ କରାଯାଇ ନ ଥିବାରୁ ଗ୍ରାମରେ ଅସନ୍ତୋଷ ଦେଖା ଦେଇଛି। ରାତିରେ ହାତୀଟି ଗାଁ ଭିତରେ ପଶିବା ବେଳେ ଗ୍ରାମବାସୀ ଘର ଭିତରେ ଶୋଇଥିଲେ। ହାତୀର ଉତ୍ପାତ ସମୟରେ ଜାଣିବାକୁ ପାଇ ତୁରନ୍ତ ଛୁଆପିଲାଙ୍କୁ ନେଇ ଘରୁ ବାହାରି ଦୌଡ଼ି ଚାଲି ଯାଇଥିବା ରାଉତ କହିଛନ୍ତି।

# ୩ ଘର ଭାଙ୍ଗିଲେ ହାତୀପଲ


ହାତୀ ଭାଙ୍ଗି ଦେଇଥିବା ଟିକୁନ ମୁଣ୍ଡାଙ୍କ ଘର।

ପାଟଣା, ୨୭।୮(ବୀରକିଶୋର ଦାଶ )

କେନ୍ଦୁଝର ଜିଲା ପାଟଣା ରେଞ୍ଜରେ ୮ଦିନ ହେବ ୧୭ ଟିକିଆ ହାତୀପଲ ଉପଦ୍ରବ ଚଳାଇ ୨୧ରୁ ଊର୍ଦ୍ଧ୍ୱ ଘର ଭାଙ୍ଗି ସାରିଲେଣି। ହାତୀପଲଙ୍କ ଉପଦ୍ରବରେ ଏକର ଏକର ପରିମିତ ଧାନ ଫସଲ ନଷ୍ଟ ହୋଇଯାଇଛି। ଚାଷୀମାନେ ଅତିଷ୍ଠ ହୋଇଗଲେଣି। ପାଟଣା ରେଞ୍ଜ ମଲ୍ଲିପଶି ବିଟ ମୂଷାଖୋରି ଗ୍ରାମ ମାଣ୍ଡୁଆ ସାହିରେ ସୋମବାର ରାତିରେ ହାତୀପଲ ୩ ଆଦିବାସୀଙ୍କ ଘର ଭାଙ୍ଗିଦେବା ସହ ଘରେ ଥିବା ଧାନଚାଉଳ ଖାଇବା ଓ ହାଣ୍ଡି, ଗରା, ବାଲ୍‌ଟି ସବୁକୁ ମାଡ଼ି ଦଳି ଚେପା କରି ଦେଇଛନ୍ତି। ମାଣ୍ଡୁଆ ସାହିର ସୁନିଆଁ ମୁଣ୍ଡା, ଟିକୁନ ମୁଣ୍ଡାଙ୍କ ଖପର ଘର ଭାଙ୍ଗି ଚୁରମାର କରିଦେବା ସହ ଅଙ୍ଗଦ ନାଏକଙ୍କ ଆଜବେଷ୍ଟସ ଘରକୁ ମଧ୍ୟ ଭାଙ୍ଗି ଦେଇଛନ୍ତି। ସୋମବାର ରାତିରେ ଏହି ହାତୀପଲ ଧାନ, ବୋଇତାଳୁ ଓ ମକା ଚାଷ ଖାଇବା ସହ ମାଡ଼ି ଦଳି ନଷ୍ଟ କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଏହି ହାତୀପଲ ରୁଢ଼ିଆପଡ଼ା କାଜୁ ବଗିଚାରେ ଡେରା ପକାଇଛନ୍ତି।

## ସଂକ୍ଷେପରେ

### ଜଙ୍ଘାରରେ ଜନ୍ମାଷ୍ଟମୀ

ଆନନ୍ଦପୁର, ୨୭।୮
(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ଅଧୀନ ବାଉଁଶଗଡ଼ ପଞ୍ଚାୟତର ଜଙ୍ଘାର ଗ୍ରାମରେ ଦୁଇଦିନ ଧରି ଜନ୍ମାଷ୍ଟମୀ ପାଳନ କରାଯାଇଛି। ବୈତରଣୀ କେନାଲରୁ ୧୨୦ କଳସ ପୂଜା କରି ଶ୍ରଦ୍ଧାଳୁମାନେ ଶୋଭାଯାତ୍ରାରେ ବାହାରି ପୂଜା ମଣ୍ଡପ ପର୍ଯ୍ୟନ୍ତ ନେଇଥିଲେ। ପରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପରେ ରାତିରେ ପ୍ରଭୁଙ୍କୁ ବିମାନରେ ଗ୍ରାମ ପରିକ୍ରମା କରାଯାଇଥିଲା। କର୍ତ୍ତା ଭାବେ ଅକ୍ଷୟ ବେହେରା ଓ ତାଙ୍କ ପତ୍ନୀ ମାମି ବେହେରା ଦାୟିତ୍ୱ ତୁଲାଇଥିଲେ। ପୂଜକ ଗୌରାଙ୍ଗ ମିଶ୍ର, ବୃନ୍ଦାବନ ଷଡ଼ଙ୍ଗୀ ଓ କୃଷ୍ଣଚନ୍ଦ୍ର ପାଢ଼ୀ ପୂଜା କାର୍ଯ୍ୟ କରିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ସିଦ୍ଧାନ୍ତ ପଲେଇ, ରଞ୍ଜନ ଘଡ଼େଇ, ବାବିନା ବେହେରା, ପପୁନୁ ଘଡ଼େଇ, ଜିତେନ୍ଦ୍ର ଖିଲାର, ହରିଆ ଖିଲାର, ମୁନା ପ୍ରଧାନ, ପିଲୁ ଘଡ଼େଇ, ମଣ୍ଟୁ ଖିଲାର, ମିଲୁ ଘଡ଼େଇ, ଗଗନ ଘଡ଼େଇ,ଲିକୁ ଖିଲାର, ଦଇତାରି ବେହେରା, ବିଜୟ ଖିଲାର, ସନାତନ ବେହେରା, କଳାକାର ଦାସ, ତ୍ରିନାଥ ଖିଲାର, ରଞ୍ଜନ ପ୍ରଧାନ, ଟୁନୁ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

### ନୀଳମଣି ଏମ୍‌ପିଙ୍କ ପୌରାଞ୍ଚଳ ପ୍ରତିନିଧି

ବଡ଼ବିଲ, ୨୭।୮(ଦେବପ୍ରିୟ ରଣା)

ବଡ଼ବିଲ ପୌରାଞ୍ଚଳ ନିମନ୍ତେ ନୀଳମଣି ମହାନ୍ତଙ୍କୁ କେନ୍ଦୁଝର ଏମ୍‌ପି ଅନନ୍ତ ନାଏକ ପ୍ରତିନିଧି ଭାବେ ନିଯୁକ୍ତ କରିଛନ୍ତି। ଏମ୍‌ପି ନାଏକଙ୍କ ପତ୍ର ସଂଖ୍ୟା କେଇ ଏନ୍/ଅଗଷ୍ଟ/୦୫୫/୨୪, ତା ୨୪।୮।୨୦୨୪ ରିଖ ଅନୁଯାୟୀ, ନୀଳମଣି ପୌରପାଳିକାର ସମସ୍ତ ସାଧାରଣ ସଭାରେ ଯୋଗଦେବା ସହ ମତାମତ ପ୍ରଦାନ କରିବେ। ଏନେଇ ନବନିଯୁକ୍ତ ପ୍ରତିନିଧି ନୀଳମଣି ମଙ୍ଗଳବାର ପୂର୍ବାହ୍ନରେ ସ୍ଥାନୀୟ ଭାଜପା ନେତା ଚନ୍ଦ୍ରଗୁପ୍ତ ପ୍ରସାଦ, ପୂର୍ବତନ ପୌରାଧକ୍ଷ ଦିଲୀପ ମିଶ୍ର, ରାମକୁମାର ପ୍ରସାଦ, ସୁଶାନ୍ତ ପ୍ରଧାନ, ଦେବପ୍ରସାଦ ମିଶ୍ର, ଶ୍ରଦ୍ଧାଞ୍ଜଳି କର ପ୍ରମୁଖଙ୍କ ସହ ପୌର କାର୍ଯ୍ୟାଳୟରେ ପହଞ୍ଚି ଏମ୍‌ପିଙ୍କ ପତ୍ର ପୌର ନିର୍ବାହୀ ଅଧିକାରୀ ବିଶ୍ୱଜିତ ରାୟଙ୍କୁ ପ୍ରଦାନ କରିଥିଲେ।

# ଟ୍ରକ୍ ମାଲିକଙ୍କ ଆନ୍ଦୋଳନ

ଚମ୍ପୁଆ,୨୭।୮(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘ ସମନ୍ୱୟ କମିଟି ଆହ୍ୱାନ କ୍ରମେ ୭ଦଫା ଦାବି ନେଇ ମଙ୍ଗଳବାରଠାରୁ ମାଲିକମାନେ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସମନ୍ୱୟ ସମିତି ସୂଚନା ଦେଇଛି। ଏନେଇ ୫୨୦ନଂ, ଜାତୀୟ ରାଜପଥର ନାରଦପୁରଠାରେ ଟ୍ରକ୍ ମାଲିକମାନେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଟ୍ରକ ମାଲିକମାନଙ୍କର ଦାବି ଅନୁଯାୟୀ, ସଡ଼କ ପଥରେ ୫୦ ପ୍ରତିଶତ ଖଣିଜ ପରିବହନ, ଜିଲା ଟ୍ରକ ମାଲିକମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଲୋଡିଂ ବ୍ୟବସ୍ଥା, ଉଚିତ ପରିବହନ ମୂଲ୍ୟ, ଓଏମ୍‌ସି ଖଣିରୁ ସଡ଼କ ପଥରେ ପରିବହନ, ଖଣି ମାଲିକ କିମ୍ବା ପରିବହନକୁ ବିରୋଧ ଆଦି ଦାବି ନେଇ ସଂଘ ପୂର୍ବରୁ କେନ୍ଦୁଝର ଜିଲାପାଳ, ଚମ୍ପୁଆ ଉପଜିଲାପାଳ, ଖଣି ମାଲିକ ଓ ପରିବହନ ସଂସ୍ଥାର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। କେନ୍ଦୁଝର ଟ୍ରକ ମାଲିକ ସଂଘ ସଭାପତି ରମାକାନ୍ତ ନାଏକ, ଯୋଡା ସଂଘ ସମ୍ପାଦକ ସୁଶାନ୍ତ ବାରିକ, ଆଞ୍ଚଳିକ ଟ୍ରକ୍ ମାଲିକ ସମ୍ପାଦକ ରାଜେନ୍ଦ୍ର ବାରିକ, ସଭାପତି ମନୋଜ ମହାନ୍ତ, ବଡ଼ବିଲ ସଂଘ ସଭାପତି ବିକାଶ ସରୱାଗି, ସଂପାଦକ ଚନ୍ଦ୍ର ଗୁପ୍ତ ପ୍ରସାଦ, ଗୁଆଲି ସଂଘର ସଭାପତି ସୁନିଲ ଦତ୍ତ, କୋର କମିଟି ଆବାହକ ଦେବାଶିଷ ପଟ୍ଟନାୟକ ପ୍ରମୁଖ ଏହି ଆନ୍ଦୋଳନ ଡାକରା ଦେଇଥିବା ବେଳେ ରାଜ୍ୟ ବାହାରର ସମସ୍ତ ଟ୍ରକ୍‌ଗୁଡ଼ିକୁ ନାରଦପୁରଠାରେ ଅଟକାଇ ରଖିଥିଲେ।


ଆନ୍ଦୋଳନ ସ୍ଥଳରେ ପୋଲିସ ପ୍ରହରା ଦେଉଛି।

### 'ଆମ୍ବେଡ୍‌କରଙ୍କ ନାମରେ ନାମିତ ହେଉ ନିର୍ମାଣାଧୀନ କେନ୍ଦ୍ରୀୟ ପାଠାଗାର'

ଛେନାପଦି,୨୭।୮ (ନିରାକାର ପରିଡ଼ା)– କେନ୍ଦୁଝର ଜିଲା ହାଟଡିହୀ ବ୍ଲକରେ ନିର୍ମାଣାଧୀନ କେନ୍ଦ୍ରୀୟ ପାଠାଗାରକୁ ଆମ୍ବେଡ୍‌କରଙ୍କ ନାମରେ ନାମକରଣ ପାଇଁ ମଙ୍ଗଳବାର ଅନୁଷ୍ଠିତ ଜିଲାପାଳଙ୍କ ଜନଶୁଣାଣି ଅଭିଯୋଗ ପ୍ରକୋଷ୍ଠରେ ସାମାଜିକ କର୍ମୀ ସତ୍ୟବ୍ରତ ଜେନା ଜିଲାପାଳଙ୍କୁ ଭେଟି ଦାବି ଜଣାଇଛନ୍ତି। ଏହି ବ୍ଲକ୍‌ରେ କୌଣସି ଯୋଜନା, ସ୍ଥାନ କିମ୍ବା କାର୍ଯ୍ୟାଳୟର ନାମ ଭାରତରତ୍ନ ସମ୍ବିଧାନ ନିର୍ମାତା ଆମ୍ବେଡ୍‌କରଙ୍କ ନାମରେ ନାମକରଣ ହୋଇନାହିଁ। ବ୍ଲକ୍‌ସ୍ଥିତ ମଠଠାରେ ନିର୍ମାଣ ଚାଲିଥିବା ଲାଇବ୍ରେରୀକୁ ଆମ୍ବେଡ୍‌କରଙ୍କ ନାମରେ ନାମିତ କରାଗଲେ ବାବାସାହେବଙ୍କ ଭଳି ମହାନ ବ୍ୟକ୍ତିତ୍ୱଙ୍କୁ ଏହା ଶ୍ରେଷ୍ଠ ସମ୍ମାନ ହୋଇପାରିବ ବୋଲି ସତ୍ୟବ୍ରତ ଲିଖିତ ଭାବେ ଜିଲାପାଳଙ୍କୁ ଜଣାଇଛନ୍ତି। ଆଗାମୀ ଦିନରେ ଏହି ପ୍ରସ୍ତାବ କାର୍ଯ୍ୟକାରୀ କରାଇବାକୁ ଚେଷ୍ଟା କରିବେ ବୋଲି ଜିଲାପାଳ ବିଶାଳ ସିଂ ଏବଂ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ପ୍ରତିଶ୍ରୁତି ଦେଇଥିବା ସତ୍ୟବ୍ରତ କହିଛନ୍ତି।

# ଗୋଚାଲାଣ ବେଳେ ଗାଡ଼ିକୁ ଅଟକାଇଲେ ଲୋକେ

## ୧୨ ଗୋରୁ ଉଦ୍ଧାର, ୨ ଗିରଫ

ପାଟଣା,୨୭।୮ (ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ଅଧୀନ ମାଛଗଡ଼ ସାହାରପଡ଼ା ରାସ୍ତାର ସୁନାରିପଶି(ହାଣ୍ଡିଆସିଲ) ନିକଟରେ ସୋମବାର ବିଳମ୍ବିତ ରାତିରେ ବେଆଇନ ଗୋଚାଲାଣ ସମୟରେ ଏକ ପିକ୍‌ଅପ୍ ଭ୍ୟାନ୍‌କୁ ସ୍ଥାନୀୟ ଲୋକେ ଅଟକାଇ ପରେ ପୋଲିସ ଜିମା ଦେଇଛନ୍ତି। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଅନ୍ୟ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଦ୍ରୁତଗତିରେ ଫେରାର ହୋଇଯାଇଛି। ଜବତ ଗାଡ଼ିରୁ ୧୨ ଗୋରୁଙ୍କୁ ଉଦ୍ଧାର କରାଯାଇଛି।

ସୂଚନା ଅନୁଯାୟୀ, ଫକିରପୁର ସାପ୍ତାହିକ ହାଟରୁ ଗୋରୁଙ୍କୁ କିଣି ବିଳମ୍ବିତ ରାତିରେ ଚାଲାଣ କରାଯାଉଥିବା ବେଳେ ଲୋକେ ଗାଡ଼ିକୁ ଅଟକାଇ ପୋଲିସକୁ ଖବର ଦେଇଥିଲେ। ଖବରପାଇ ପାଟଣା ପୋଲିସ ପହଞ୍ଚି ଲୋକେ ଅଟକ ରଖିଥିବା ଗାଡ଼ିକୁ ଜବତ କରିବା ସହ ୨ ଗୋରୁ ମାଫିଆଙ୍କୁ ଥାନାକୁ ନେଇଥିଲା। ମଙ୍ଗଳବାର ୨ଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ଆନନ୍ଦପୁର ଥାନା ଅଧୀନ ମୋଚିନ୍ଦା ଗାଁର ଲକ୍ଷ୍ମୀଧର ସାହୁ(୩୮) ଓ ଶାଳବଣି ଗ୍ରାମର ଚନ୍ଦନ କୁମାର ଜେନା(୨୭)। ଏନେଇ ପାଟଣା ଥାନାରେ ମାମଲା (ନଂ.୨୮୪/୨୪) ରୁଜୁ ହୋଇଛି। ଉଦ୍ଧାର ହୋଇଥିବା ୧୨ ଗୋରୁଙ୍କୁ କରଞ୍ଜିଆ ଗୋଶାଳାରେ ଛାଡ଼ି ଦିଆଯାଇଥିବା ପାଟଣା ଥାନା ଅଧିକାରୀ ବିବସ୍ୱ ପ୍ରଧାନ କହିଛନ୍ତି।

# ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ପ୍ରଶିକ୍ଷଣ ଶିବିର

ଡେଙ୍କିକୋଟ, ୨୭।୮(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ଶିକ୍ଷାମଣ୍ଡଳ ଅଧୀନ ଡେଙ୍କିକୋଟ ସତ୍ୟନାରାୟଣ ବିଦ୍ୟାପୀଠରେ ମଙ୍ଗଳବାର ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ଓ ଆଦ୍ୟ ଶୈଶବ ଯତ୍ନ ଶିକ୍ଷାର ତ୍ରିଦିବସୀୟ ପ୍ରଶିକ୍ଷଣ ଶିବିରକୁ ଡେଙ୍କିକୋଟ ସିଆରସିସି ସଚ୍ଚିଦାନନ୍ଦ ପ୍ରଧାନ ଏବଂ ସତ୍ୟନାରାୟଣ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଫକୀରଚରଣ ସାହୁ ଉଦ୍‌ଘାଟନ କରିଥିଲେ। ଶିବିରରେ ଘଟଗାଁ ଶିକ୍ଷା ମଣ୍ଡଳର ୪ଟି ସିଆରସିସିଙ୍କ ଅଧୀନରେ ଥିବା ବିଦ୍ୟାଳୟଗୁଡିକରୁ ୫୦ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଛନ୍ତି। ଶିବିରରେ ଡେଙ୍କିକୋଟ ସିଆରସିସି ସଚ୍ଚିଦାନନ୍ଦ ପ୍ରଧାନ, ସାନ୍ତରାପୁର ସିଆରସିସି ଅଜୟ କୁମାର ପ୍ରଧାନ, ଗଦାଧରପୁର ସିଆରସିସି ଧରଣୀଧର ମହାନ୍ତ, କଟରାବେଡା ସିଆରସିସି ହୃଷିକେଶ ପଲେଇ ଯୋଗ ଦେଇ ନିଜର ଦାୟିତ୍ୱ ତୁଲାଇଛନ୍ତି। ସିଆରସିସିମାନେ ପ୍ରଶିକ୍ଷକ ଭାବେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ମଧ୍ୟ ଦେବେ। ପ୍ରଥମ ପର୍ଯ୍ୟାୟରେ ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ଦକ୍ଷତାଗୁଡ଼ିକ କିପରି ଛାତ୍ରୀଛାତ୍ର ସହଜରେ ହାସଲ କରିପାରିବେ ଏବଂ ଶିକ୍ଷାର୍ଥୀମାନଙ୍କ ପାଇଁ କିପରି ଆନନ୍ଦଦାୟୀ ଶିକ୍ଷା ହୋଇପାରିବ ସେଥିପାଇଁ ଶିକ୍ଷଣ ସାମଗ୍ରୀ ତଥା ଭାଷା ଗଣିତର କାର୍ଯ୍ୟ ପୁସ୍ତିକାକୁ ନେଇ ଶ୍ରେଣୀ କିପରି ପରିଚାଳନା କରିପାରିବେ ସେ ସବୁ ବିଷୟରେ ପ୍ରଶିକ୍ଷଣରେ ତାଲିମ ଦିଆଯିବା କାର୍ଯ୍ୟକ୍ରମ ରହିଛି। ଶିବିରକୁ ଘଟଗାଁ ଗୋଷ୍ଠୀ ଶିକ୍ଷାମଣ୍ଡଳାଧିକାରୀ ତପଧନ ସ୍ୱାଇଁ ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷାମଣ୍ଡଳାଧିକାରୀ ବେଣୁଧର ଆଚାର୍ଯ୍ୟ ଆସି ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଛାତ୍ରୀଛାତ୍ରମାନଙ୍କୁ କିପରି ସହଜରେ ଶିକ୍ଷା ଦେଇପାରିବେ ସେ ସମ୍ପର୍କରେ ବୁଝାଇଥିଲେ।



ଶିବିରରେ ଉପସ୍ଥିତ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ।

# ଚିକିତ୍ସା ଅଭାବରୁ ଗର୍ଭିଣୀ ଗାଈର ମୃତ୍ୟୁ

**ଦୀର୍ଘଦିନ ହେବ ଖାଲି ପଡ଼ିଛି ପ୍ରାଣୀ ଚିକିତ୍ସକ ପଦବୀ**

ଯୋଡ଼ା, ୨୭।୮(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡା ବ୍ଲକ ବଡ କଳିମାଟିଠାରେ ଚିକିତ୍ସା ନ ମିଳିବାରୁ ପ୍ରସବ କରି ନ ପାରି ଏକ ଗର୍ଭିଣୀ ଗାଈର ମୃତ୍ୟୁ ହୋଇଛି। ଦୁବୁନା ଅଞ୍ଚଳର ଗୌର ବାରିକଙ୍କ ଗର୍ଭିଣୀ ଗାଈର ଶୁକ୍ରବାର ପ୍ରସବ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ଗୌର ନିକଟରେ ଥିବା କାଳିମାଟି ପ୍ରାଣୀ ଚିକିତ୍ସାଳୟ ସହିତ ଯୋଗାଯୋଗ କରିଥିଲେ। କାଳିମାଟି ପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସକଙ୍କ ପଦବୀ ଦୀର୍ଘଦିନ ହେବ ଖାଲି ପଡ଼ିଥିବାରୁ ଏହାର ଦାୟିତ୍ୱରେ ଜଣେ କର୍ମଚାରୀ ରହିଛନ୍ତି। ତାଙ୍କୁ ଗାଈର ପ୍ରସବ କରାଇବାକୁ କୁହାଯିବାରୁ ସେ ପାରିବେ ନାହିଁ କହିବା ସହିତ ଯୋଡା ପ୍ରାଣୀ ଚିକିତ୍ସାଳୟର ଚିକିତ୍ସକ ଜୀବନ କୁମାର ମୁଣ୍ଡାଙ୍କ ମୋବାଇଲ ନମ୍ବର ଦେଇ ଯୋଗାଯୋଗ କରିବା ପାଇଁ କହିଥିଲେ। ଗୌର ଯୋଡା ପ୍ରାଣୀ ଚିକିତ୍ସକ ମୁଣ୍ଡାଙ୍କ ସହିତ ଯୋଗାଯୋଗ କରିବାରୁ ସେ ମଧ୍ୟ ଯାଇପାରିବେ ନାହିଁ ବୋଲି କହିବା ସହିତ ଅନ୍ୟ ଜଣେ ଡାକ୍ତରଙ୍କ ମୋବାଇଲ ନମ୍ବର ଦେଇ ଯୋଗାଯୋଗ କରିବାକୁ କହିଥିଲେ। ତାଙ୍କୁ ମଧ୍ୟ ଯୋଗାଯୋଗ କରିଥିଲେ ହେଁ ସେ ମଧ୍ୟ ତାଙ୍କ ପାଖରେ ଗାଡି ନ ଥିବା କହି ଯାଇ ନ ଥିବା ଗୌର ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି। ଏହିଭଳି ୩ ଦିନ ବିତିଯାଇଥିଲା। ବିଭାଗୀୟ ଅଧିକାରୀମାନେ ଆଉ ମୋବାଇଲ ରିସିଭ ମଧ୍ୟ କରି ନ ଥିଲେ। ପ୍ରସବଜନିତ ଯନ୍ତ୍ରଣାରେ ଗାଈଟି ଛଟପଟ ହେଉଥିଲେ ହେଁ କେହି ପ୍ରାଣୀ ଚିକିତ୍ସକ ଉକ୍ତ ଅଞ୍ଚଳକୁ ଯାଇ ନ ଥିଲେ। ଫଳରେ ସୋମବାର ରାତିରେ ଗାଈଟିର ମୃତ୍ୟୁ ଘଟିଥିଲା। ଏନେଇ ଅଞ୍ଚଳରେ ଏକ ପ୍ରକାର ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଯୋଡା ପ୍ରାଣୀ ଚିକିତ୍ସକଙ୍କ ପ୍ରତିକ୍ରିୟା ଜାଣିବା ପାଇଁ ଯୋଗାଯୋଗ କରା ଯାଇଥିଲେ ହେଁ ପ୍ରତିକ୍ରିୟା ମିଳି ପାରିନାହିଁ। ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ଏହି ଗାଈର ମୃତ୍ୟୁ ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

# ଶୁଳିଆପଦା ବ୍ଲକ କାର୍ଯ୍ୟାଳୟ ଆଗରେ ବିଜେଡିର ବିକ୍ଷୋଭ



ବିକ୍ଷୋଭ ପ୍ରଦର୍ଶନ କରୁଥିବା ବିଜେଡି କାର୍ଯ୍ୟକର୍ତ୍ତା।

ମୋରଡ଼ା,୨୭।୮(ସ୍ମାରକ ମାଜୀ)

ଗତ ନିର୍ବାଚନ ସମୟରେ ଭାଜପା ଦେଇଥିବା ପ୍ରତିଶ୍ରୁତି ପାଳନ ନ କରିବା ତଥା ବୃଦ୍ଧା,ବୃଦ୍ଧ, ଦିବ୍ୟାଙ୍ଗ ଓ ବିଧବାମାନଙ୍କ ପ୍ରତି ହେଉଥିବା ଅବିଚାର ବିରୋଧରେ ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ମଙ୍ଗଳବାର ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଅଧୀନ ଚିତ୍ରଡାସ୍ଥିତ ବ୍ଲକ କାର୍ଯ୍ୟାଳୟ ଆଗରେ ବିଜେଡି ପକ୍ଷରୁ ବିକ୍ଷୋଭ କରାଯାଇଛି। ବିଜେଡି ବିଧାୟକ ପ୍ରାର୍ଥୀ ପ୍ରୀତିନନ୍ଦା କାନୁନଗୋ ଓ ପୂର୍ବତନ ବିଧାୟକ ରାଜକିଶୋର ଦାସଙ୍କ ନେତୃତ୍ୱରେ ବିଜେଡି କର୍ମୀ ଓ ଶତାଧିକ ଭତ୍ତା ହିତାଧିକାରୀ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଯଦି ଭତ୍ତା ବୃଦ୍ଧି କରା ନ ଯାଏ ତାହାଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ପ୍ରୀତିନନ୍ଦା ଓ ରାଜକିଶୋର କହିଛନ୍ତି। ଏନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଶୁଳିଆପଦା ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ପାନମଣି ମାର୍ଣ୍ଡି, ଜିଲା ପରିଷଦ ସଭ୍ୟ ନଗେନ୍ଦ୍ର ନାଥ କିସ୍କୁ, ପ୍ରସନ୍ନ କୁମାର ନାଏକ, ଜିତେଶ ସେନାପତି, ସଞ୍ଜୟ ଶେଜପଡା ପ୍ରମୁଖ ଉପସ୍ଥିତ ଥିଲେ।

# ଗୋରୁ ବୋଝେଇ ଗାଡ଼ି ଜବତ

ବେତନଟୀ,୨୭।୮
(ଧରଣୀଧର ମହାନ୍ତି)

ବେତନଟୀ ଥାନା ଅଧୀନ ଜାମଦାପାଳ ନିକଟରୁ ସୋମବାର ବିଳମ୍ବିତ ରାତିରେ ୨୫ଟି ଗୋରୁ ଭର୍ତ୍ତି ଥିବା ତିନୋଟି ପିକ୍‌ଅପ୍ ଭ୍ୟାନକୁ ବେତନଟୀ ପୋଲିସ ଜବତ କରିଛି। ଏହି ଗୋରୁଗୁଡ଼ିକୁ ବାଲେଶ୍ୱର ଗୋଶାଳାକୁ ପଠାଇ ଦିଆଯାଇଛି। ଘଟଣାରେ ବଡ଼ସାହି ଥାନା ଅଧୀନ ଗୁଡ଼ିଆଲନ୍ଦ ଗ୍ରାମର ରାଜେଶ ମହାନ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ଅଭିଯୁକ୍ତମାନେ ପିକ୍‌ଅପ୍ ଭ୍ୟାନ୍ ଛାଡ଼ି ଫେରାର ହୋଇଯାଇଛନ୍ତି। ଏହି ଗୋରୁଗୁଡ଼ିକ ବେତନଟୀ ଥାନା ଅଞ୍ଚଳରୁ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିଲା। ଖବରପାଇ ବେତନଟୀ ଥାନା ଆଇଆଇସି ସସ୍ମିତା ମହାନ୍ତ ଚଢ଼ାଉ କରିଥିଲେ। ଏନେଇ ଥାନାରେ ଏକ ମାମଲା (ନଂ.୨୪୭/୨୪) ରୁଜୁ ହୋଇଛି।

# ପ୍ରାର୍ଥୀପତ୍ର ଦାଖଲ କଲେ ରାମଚନ୍ଦ୍ର,ଅୟସକାନ୍ତ

**କେନ୍ଦୁଝର ଟ୍ରକ୍ ମାଲିକ ସଂଘ ନିର୍ବାଚନ**

କେନ୍ଦୁଝର,୨୭।୮(ଦୀପକ ମିଶ୍ର)

କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘ ନିର୍ବାଚନ ତାରିଖ ଘୋଷଣାପରେ ଗତ ୨୨ ତାରିଖରୁ ପ୍ରାର୍ଥୀପତ୍ର ଦାଖଲ ଆରମ୍ଭ ହୋଇଛି। ଏହି କ୍ରମରେ ମଙ୍ଗଳବାର ସଂଘର ସଭାପତି ପ୍ରାର୍ଥୀ ଭାବେ ରାମଚନ୍ଦ୍ର ଭୂୟାଁ ସମର୍ଥକଙ୍କ ଗହଣରେ ଯାଇ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ରାମଚନ୍ଦ୍ର ପୂର୍ବରୁ ୨ଥର ସଭାପତି ଭାବେ ନିର୍ବାଚିତ ହୋଇ ସଂଘର ସ୍ୱାର୍ଥ ପାଇଁ ଅନେକ କାର୍ଯ୍ୟ କରିଛନ୍ତି। ଏହାକୁ ପାଥେୟ କରି ସେ ନିର୍ବାଚନୀ ମଇଦାନରେ ଅବତୀର୍ଣ୍ଣ ହୋଇଥିବା କହିଛନ୍ତି। ନିର୍ବାଚନରେ ଅର୍ଥ ଓ ବାହୁ ବଳର ଉପଯୋଗ ହେବ ବୋଲି ସେ କହିବା ସହ ତାଙ୍କ ପାଖରେ ଅର୍ଥ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟ ପକ୍ଷରେ ଯୁଗ୍ମ ସମ୍ପାଦକ ପ୍ରାର୍ଥୀ ଭାବେ ଅୟସକାନ୍ତ ପଟ୍ଟନାୟକ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେ ସମ୍ପୂର୍ଣ୍ଣ ନୂଆ ପ୍ରାର୍ଥୀ ହୋଇଥିବା ଓ ସଂଘର ସଦସ୍ୟଙ୍କ କାର୍ଯ୍ୟରେ ସହଯୋଗ କରି ଆସୁଥିବାରୁ ତାଙ୍କ ପ୍ରତି ସଂଘରେ ସମର୍ଥନ ଅଧିକ ଥିବା ସେ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ରାଜ୍ୟର ବିତ୍ତଶାଳୀ ସଂଘ ଭାବେ କେନ୍ଦୁଝର ଟ୍ରକ୍ ମାଲିକ ସଂଘର ସ୍ୱତନ୍ତ୍ର ପରିଚୟ ରହିଛି। ତେବେ ବାଦବିବାଦ ଯୋଗୁ ଗତ ୨ ବର୍ଷ ହେଲା ସଂଘର ନିର୍ବାଚନ ହୋଇ ପାରୁ ନ ଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଆଇଜିଆର ଓଡ଼ିଶାଙ୍କ ଦ୍ୱାରା ଜିଲା ପ୍ରଶାସନ ସହଯୋଗରେ ନିର୍ବାଚନ ଅନୁଷ୍ଠିତ ହେଉଛି। ଏହି ନିର୍ବାଚନ ଉପରେ ବିଭିନ୍ନ ବ୍ୟକ୍ତି, ବୁଦ୍ଧିଜୀବୀ ଓ ରାଜନୈତିକ ଦଳର ନେତାମାନେ ମଧ୍ୟ ନଜର ରଖିଛନ୍ତି।


ସମର୍ଥକଙ୍କ ସହ ଯୁଗ୍ମ ସମ୍ପାଦକ ପ୍ରାର୍ଥୀ ଅୟସକାନ୍ତ ପଟ୍ଟନାୟକ।

**ଖୁବ୍ ଶୀଘ୍ର ଟ୍ରାକ୍ଟର ଚୋରିର ପର୍ଦ୍ଦାଫାଶ**

**ଖଇରା,(ଉତ୍କଳବନ୍ଧୁ ପଣ୍ଡା)**-ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ମାଖନପୁର ଅଞ୍ଚଳରୁ ୩ଟି ଓ ଇଞ୍ଚୁଡିରୁ ଗୋଟିଏ ମୋଟ ୪ଟି ଚୋରା ଟ୍ରାକ୍ଟର ଜବତ କରିବାକୁ ଖଇରା ପୋଲିସ ସକ୍ଷମ ହୋଇଛି । ଆଗକୁ ଆହୁରି ଚୋରା ଟ୍ରାକ୍ଟର ଉଦ୍ଧାର ହେବା ନେଇ ସୂଚନା ମିଳିଛି। ଖଇରା ପୋଲିସ କେତେଜଣ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ଖୋଳତାଡ ଆରମ୍ଭ କରିଛି। ଖଇରା ଥାନା ଆଇଆଇସି ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ର୍ୟାକେଟ ଧରିବା ପାଇଁ ଯୋଜନା ପ୍ରସ୍ତୁତ ହେଉଥିବା ବେଳେ ତଦନ୍ତ ସରିବା ପରେ ସମ୍ପୂର୍ଣ୍ଣ ସୂଚନା ଦିଆଯିବ ବୋଲି ଖଇରା ପୋଲିସ କହିଛି ।

**ବାଲେଶ୍ୱର**

## ଆର୍ଥିକ ଅନଟନ ଯୋଗୁ ଜୀବନ ହାରିଲେ ଶ୍ରମିକ

ଭୋଗରାଇ, ୨୭।୮(ପ୍ରଦୀପ ଦାସ)- ଆର୍ଥିକ ଅନାଟନ ଯୋଗୁ ବେକରେ ରଶି ଲଗାଇ ବାଉଁଶଗଛରେ ଝୁଲି ପଡ଼ିଛନ୍ତି ଜଣେ ଖଟିଖିଆ ଶ୍ରମିକ। ମୃତକ ହେଲେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଉଦୟଗଞ୍ଜ ପାଟଣା ଗ୍ରାମର ହରିଶଙ୍କର କାମିଳା(୫୩)। ଚନ୍ଦନେଶ୍ୱର ଫାଣ୍ଡି ପୋଲିସ ପହଞ୍ଚି ଶବ ଜବତ କରିବା ସହ ଭୋଗରାଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୧/୨୪) ରୁଜୁ କରିଛି। ଏହି ଶ୍ରମିକଙ୍କ ପରିବାରରେ ୬ କୁଟୁମ୍ବ ଅଭାବ ଅନାଟନ ମଧ୍ୟରେ ଜୀବନ ନିର୍ବାହ କରି ଆସୁଛନ୍ତି। ଆର୍ଥିକ ସ୍ଥିତିକୁ ନେଇ ପରିବାର ସହିତ କଳହ ଲାଗିଆସୁଥିଲା। ପଡ଼ୋଶୀଙ୍କ କହିବାନୁଯାୟୀ ଶ୍ରମିକ ଜଣକ ପରୋପକାରୀ ଥିଲେ। ଭୋଗରାଇ ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ବାଲେଶ୍ୱର ସହରର ବିକାଶ ପାଇଁ ଖର୍ଚ୍ଚ ହେବ ୪୪ କୋଟି

ବାଲେଶ୍ୱର, ୨୭।୮(ବାଞ୍ଛାନିଧି ଦେ)


ବିଧାନସଭାରେ ବିଧାୟକ ମାନସ ଦତ୍ତ।

ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଫୋକସରେ ରହିଛି ବାଲେଶ୍ୱର ପୌରପାଳିକା। ପୌରାଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷରେ ସରକାରଙ୍କ ପକ୍ଷରୁ ଗ୍ରାଣ୍ଟ-ଇନ୍-ଏଡ୍ ଏବଂ ଅନ୍ୟାନ୍ୟ ଯୋଜନାରେ ୪୪ କୋଟି ୧୬ଲକ୍ଷ ୫୫ହଜାର ଟଙ୍କା ପ୍ରଦାନ କରାଯିବ। ଚଳିତ ଆର୍ଥିକ ବର୍ଷରେ ବାଲେଶ୍ୱର ପୌର ପରିଷଦ ପକ୍ଷରୁ ପ୍ରସ୍ତାବିତ ୱାର୍ଡସ୍ତରୀୟ ବିଭିନ୍ନ ପ୍ରକଳ୍ପକୁ ଦୃଷ୍ଟିରେ ରଖି ଏହି ଅନୁଦାନ ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଥିବା ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରକାଶ କରିଛନ୍ତି। ବିଧାନସଭାର ପ୍ରଶ୍ନକାଳରେ ମଙ୍ଗଳବାର ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ ବାଲେଶ୍ୱର ପୌରପାଳିକା ପାଇଁ ରାଜ୍ୟ ସରକାରଙ୍କ ଅନୁଦାନ ସମ୍ପର୍କରେ ପ୍ରଶ୍ନ ଉତ୍ଥାପନ କରିଥିଲେ। ଏଥିସହିତ କେଉଁ ଯୋଜନାରେ କେତେ ଅର୍ଥ ଅନୁଦାନ ପ୍ରସ୍ତାବିତ, ସେ ସମ୍ପର୍କରେ ତଥ୍ୟ ପ୍ରଦାନ ପାଇଁ ବିଧାୟକ ଦତ୍ତ ଅନୁରୋଧ କରିଥିଲେ। ବାଲେଶ୍ୱର ସହରରେ ଜଟିଳ ହେଉଥିବା ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ଅନ୍ୟୁନ ଦୁଇଟି ମଲଟି ଲେଭଲ ପାର୍କିଂସେଣ୍ଟର ଆବଶ୍ୟକ ଥିବା ବେଳେ ଏଥି ପାଇଁ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ନିକଟରେ କୌଣସି ପ୍ରସ୍ତାବ ଥିବା ବାବଦରେ ସେ ଜାଣିବାକୁ ଚାହିଁଥିଲେ। ଉତ୍ତରରେ ମନ୍ତ୍ରୀ ଡ. ମହାପାତ୍ର ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ବହୁତଳ ବିଶିଷ୍ଟ ପାର୍କିଂ ସେଣ୍ଟର ନିର୍ମାଣ ନେଇ କୌଣସି ପ୍ରସ୍ତାବ ବା ଯୋଜନା ନାହିଁ। ଜନସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସ୍ଥାନୀୟ ପୌରସଂସ୍ଥା ମଲଟି ଲେଭଲ ପାର୍କିଂସେଣ୍ଟର ନିର୍ମାଣ ପାଇଁ ନିଷ୍ପତ୍ତି ନେଇପାରିବେ। ପୌର ପରିଷଦ ପକ୍ଷରୁ ବିଧିବଦ୍ଧ ଭାବେ ପ୍ରସ୍ତାବ ଆଗତ ହେଲେ ସରକାର ଅନୁଦାନ ପ୍ରଦାନ ନେଇ ବିଚାର କରିବେ ବୋଲି ମନ୍ତ୍ରୀ ଡ. ମହାପାତ୍ର ସୂଚନା ଦେଇଛନ୍ତି।

## ୩୧ରେ ବିଜେଡିର ଗଣବିକ୍ଷୋଭ


ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ବିଜେଡିର ପ୍ରତିନିଧି ଦଳ।

ରେମୁଣା, ୨୭।୮(ରବୀନ୍ଦ୍ର ମହାକୁଡ଼)

ରେମୁଣା ବିଜେଡି ତରଫରୁ ଆସନ୍ତା ୩୧ ତାରିଖରେ ଗଣ ବିକ୍ଷୋଭ ପ୍ରଦର୍ଶନ ସହ ଜନ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏନେଇ ବିଜେଡି ନେତ୍ରୀ ବିଦ୍ୟାସ୍ମିତା ମହାଳିକଙ୍କ ନେତୃତ୍ୱରେ ଦଳୀୟ କର୍ମୀ ମଙ୍ଗଳବାର ରେମୁଣା ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ରେମୁଣା ବ୍ଲକ୍ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ରାଉତ, ଦହପଡ଼ା ସରପଞ୍ଚ ପ୍ରଣତି ଜେନା, ବରୁଣସିଂ ସରପଞ୍ଚ ଝିଲିଶ୍ରୀ ମହାଳିକ, ମନ୍ଦାରପୁର ସରପଞ୍ଚ ମଞ୍ଜୁଶ୍ରୀ ଦାସ, ଗର୍ଣ୍ଡା ସରପଞ୍ଚ ଗୀତାରାଣୀ ଦାଶ, ଚଷାଖଣ୍ଡ ସରପଞ୍ଚ କେଦାର ସାହୁ, କରଞ୍ଜିଆ ସରପଞ୍ଚ ମୁକୁନ୍ଦ ଭାରତୀ, ଦୁର୍ଗାଦେବୀ ସରପଞ୍ଚ ଚୈତନ୍ୟ ମାଝୀ, ମଙ୍ଗଳପୁର ସରପଞ୍ଚ ରାମଚନ୍ଦ୍ର ଦାସ, ବଡ଼ପାଳ ସରପଞ୍ଚ ଇଂ. କମଳଲୋଚନ ପଣ୍ଡା, ନୂଆପାଢ଼ୀ ସରପଞ୍ଚଙ୍କ ପ୍ରତିନିଧି, କଲ୍ୟାଣପୁର ସରପଞ୍ଚଙ୍କ ପ୍ରତିନିଧି, ଗୁଡୁଦା ସରପଞ୍ଚଙ୍କ ପ୍ରତିନିଧି, ଇଞ୍ଚୁଡ଼ି ସରପଞ୍ଚ, ଡୁଣ୍ଡରା ସମିତିସଭ୍ୟ ଏବଂ ଅନ୍ୟ ସମସ୍ତ ପଞ୍ଚାୟତର ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

## ସର୍ବନିମ୍ନ ୩ହଜାର ଟଙ୍କା ଭତ୍ତା

### ମୁଖ୍ୟମନ୍ତ୍ରୀଙ୍କୁ ଦାବି କଲେ ବରିଷ୍ଠ ନାଗରିକ

ଜଳେଶ୍ୱର, ୨୭।୮
(ରବିନାରାୟଣ ପାତ୍ର/ନବୀନ ସାହୁ)

ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ, ଜଳେଶ୍ୱର ପକ୍ଷରୁ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ଉପରେ ୩୧ଦଫା ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜଳେଶ୍ୱର ବିଡିଓ ପୁନମ ରାଉତଙ୍କ ଜରିଆରେ ମଙ୍ଗଳବାର ପ୍ରଦାନ କରାଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କାର୍ଯ୍ୟାନୁଷ୍ଠାନ ପାଇଁ ଦାବିଗୁଡିକ ସମ୍ପର୍କରେ ବିଡିଓଙ୍କୁ ଅବଗତ କରାଯାଇଥିଲା। ୬୦ବର୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ମାସକୁ ସର୍ବନିମ୍ନ ୩୦୦୦ ହଜାର ଟଙ୍କା ଭତ୍ତା ପ୍ରଦାନ, ବରିଷ୍ଠ ନାଗରିକଙ୍କୁ ରେଳଯାତ୍ରାରେ ରିହାତିର ପୁନଃ ପ୍ରଚଳନ, 'ମୋ ବସ୍' ଭଳି ସମସ୍ତ ପ୍ରକାର ବସ୍ ଯାତ୍ରାରେ ୫୦% ରିହାତି ପ୍ରଦାନ, ସବୁ ବରିଷ୍ଠଙ୍କୁ ସରକାରୀ ସ୍ୱାସ୍ଥ୍ୟବୀମା ସୁବିଧା, ପ୍ରତି ଜିଲାରେ ବରିଷ୍ଠ ନାଗରିକଙ୍କ ପାଇଁ ସରକାରୀ ସେବାଶ୍ରମ (ବୃଦ୍ଧାଶ୍ରମ) ନିର୍ମାଣ, ପୋଲିସ ବିଭାଗ ତରଫରୁ ପରିଚୟ ପତ୍ର ପ୍ରଦାନ ଆଦି ଦାବି ଦାବିପତ୍ରରେ ଉଲ୍ଲେଖ କରାଯାଇ ଯଥାଶୀଘ୍ର ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଏଥିରେ ଦର୍ଶାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସଙ୍ଗଠନ ସଭାପତି ଭାସ୍କର ଚନ୍ଦ୍ର ମିଶ୍ର , ସମ୍ପାଦକ ଡକ୍ଟର ଲଳିତ ରଞ୍ଜନ ସେନାପତି, ସହ ସମ୍ପାଦକ ଶ୍ରୀମନ୍ତ କୁମାର ଘୋଷ, ବରିଷ୍ଠ ସଦସ୍ୟ ଦିଲୀପ କୁମାର ଗିରି, ସୁବ୍ରତ ବେରା, ଶିକ୍ଷାବିତ କପିଳେଶର ମହାନ୍ତି, ଅନନ୍ତ ଦତ୍ତ, ଅବଦୁଲ ସମ୍ମତ ଖାଁ ଓ ନିତ୍ୟାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


ବରିଷ୍ଠ ନାଗରିକମାନେ ଜଳେଶ୍ୱର ବିଡିଓ ପୁନମ ରାଉତଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## କୌଶଳ ରଥକୁ ବୁଲି ଦେଖିଲେ ଛାତ୍ରୀଛାତ୍ର



ପିଲାମାନେ ପ୍ରକଳ୍ପ ଦେଖିବା ପାଇଁ ରଥ ନିକଟରେ ଭିଡ଼ ଜମାଇଛନ୍ତି।

ଖଇରା, ୨୭।୮(ଉତ୍କଳବନ୍ଧୁ ପଣ୍ଡା)

ଛାତ୍ରୀଛାତ୍ରଙ୍କ ଦକ୍ଷତାବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା କୌଶଳ ରଥକୁ ମଙ୍ଗଳବାର ଖଇରାରେ ସ୍ୱାଗତ କରାଯାଇଛି। ଖଇରା ହାଇସ୍କୁଲ ସମ୍ମୁଖରେ ରଥ ପହଞ୍ଚିବା ପରେ ପିଲାମାନେ ଆଗ୍ରହର ସହ ଧାଡିରେ ଯାଇ ଗାଡି ଭିତରେ ପ୍ରସ୍ତୁତ ହୋଇଥିବା ପ୍ରଦୂଷଣମୁକ୍ତ ବାଇକ, ଘରେ ରହି ପାଣିରୁ ବିଦ୍ୟୁତ ଉତ୍ପାଦନ କରିବା ପ୍ରକ୍ରିୟା, ବୌଦ୍ଧିକ ବିକାଶରେ ସହାୟକ ଭିଡିଓ ଗେମ ଆଦି ପ୍ରକଳ୍ପଗୁଡିକୁ ବୁଲି ଦେଖିଥିଲେ। ପରେ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷୟିତ୍ରୀ ସୁଜାତା ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଗୋଷ୍ଠୀ ଶିକ୍ଷାଧିକାରୀ ଗଦାଧର ଦାସ, ସରପଞ୍ଚ ମାଳତୀ ସେଠୀ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ସମିତିସଭ୍ୟା ନର୍ମଦା ଦେଓ, ପୁରାତନ ଛାତ୍ର ପରିଷଦ ସଭାପତି ମୁକ୍ତିକାନ୍ତ ଶତପଥି, ପରିଚାଳନା କମିଟି ସଭାପତି ସଞ୍ଜୟ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## ସୋର ଥାନାରେ ଶାନ୍ତି କମିଟି ବୈଠକ

ସୋର, ୨୭।୮(ଜନ୍ମେଜୟ ମିଶ୍ର)

ସୋରରେ ଗଣେଶ ପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ସୋର ଥାନା ପରିସରରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଦର ଏସ୍‌ଡିପିଓ ଡ଼. ଶଶାଙ୍କ ଶେଖର ବେଉରା, ସୋର ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ର, ସୋର ଅତିରିକ୍ତ ତହସିଲଦାର ଜଗନ୍ନାଥ ବେହେରା, ସୋର ପୌରପାଳିକା ଓ ବିଦ୍ୟୁତ ବିଭାଗର ଏସ୍‌ଡିଓ ଉପସ୍ଥିତ ରହି କିଭଳି ଭାବେ ଆଇନ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ସହିତ ଶାନ୍ତି ଶୃଙ୍ଖଳାରେ ଗଣେଶ ପୂଜାକୁ ପାଳନ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏହି ସମୟରେ ଉଭୟ ସମ୍ପ୍ରଦାୟରୁ ମାନ୍ୟଗଣ୍ୟ ବ୍ୟକ୍ତି, ସୋରର ଅଗ୍ରଣୀ ଅନୁଷ୍ଠାନ, ନାଗରିକ ମଞ୍ଚର ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ। ବିଶେଷ କରି ଡିଜେ ଏବଂ ଲେଜର ଲାଇଟ ନିଷେଧ କରିବା ସହିତ ସ୍ୱଳ୍ପ ସାଉଣ୍ଡରେ ଗଣେଶ ପୂଜା ପାଳିବାକୁ ଉପସ୍ଥିତ ଅଧିକାରୀମାନେ ପରାମର୍ଶ ଦେଇଥିଲେ।

## ଜିଲାପାଳ, ଏସ୍‌ପିଙ୍କ ମିଳିତ ଜନଶୁଣାଣି

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୨୭।୮-ବାଲିଆପାଳ ବ୍ଲକ ସଭା ଗୃହରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୋଟ୍ ୧୨୫୭ ଅଭିଯୋଗ ଆସିଥିବା ବେଳେ କେବଳ ୧୦୬୭ ଅଭିଯୋଗ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନ ଥିଲା। ତାଲିକାରେ ନାମ ନ ଥିବା ଓ ତାଲିକାରେ ନାଁ ଯୋଡାଯିବା ଆଦି ଅଭିଯୋଗ ଥିଲା। ସେହିପରି ଅନ୍ୟ ୧୯୦ ଅଭିଯୋଗ ମଧ୍ୟରେ ପୋଲିସ, ରାଶନ, ତହସିଲ, ରାସ୍ତା ଓ ଜଳସେଚନ ବିଭାଗର ରହିଥିଲା। ପରବର୍ତ୍ତୀ ସମୟରେ ଅଭିଯୋଗଗୁଡିକର ସମାଧାନ କରାଯିବ ବୋଲି ଅଧିକାରୀମାନେ କହିଥିବା ବିଡିଓ ବିନୋଦ ଚନ୍ଦ୍ର ପଣ୍ଡା ସୂଚନା ଦେଇଥିଲେ। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ଉପ-ଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ, ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ନାୟକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ ଜଗଦେବ, ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ନିଖୋଜ ନାବାଳିକାଙ୍କ ଉଦ୍ଧାର ଦାବି କଲେ ବିଧାୟିକା

ବାଲେଶ୍ୱର, ୨୭।୮(ବାଞ୍ଛାନିଧି ଦେ)- ବାଲିଆପାଳ ବ୍ଲକ ଅଳାଡ଼ିହା ପଞ୍ଚାୟତର ଏକ ନିଖୋଜ ନାବାଳିକାଙ୍କ ଉଦ୍ଧାର ନିମନ୍ତେ ବିଧାନସଭାରେ ଦାବି କରିଛନ୍ତି ବସ୍ତା ବିଧାୟିକା ସୁବାସିନୀ ଜେନା। ମଙ୍ଗଳବାର ବିଧାନସଭାରେ ଆଲୋଚନାରେ ଭାଗ ନେଇ ସେ କହିଥିଲେ, ଆମ ଦେଶରେ ଦିନକୁ ଦିନ ମହିଳାଙ୍କ ଉପରେ ଅତ୍ୟାଚାର ବଢ଼ିବାରେ ଲାଗିଛି। ତାଙ୍କ ନିର୍ବାଚନ ମଣ୍ଡଳୀ ଅଧୀନ ବାଲିଆପାଳ ବ୍ଲକ ଅଳାଡ଼ିହା ପଞ୍ଚାୟତର ଏକ ନାବାଳିକା ଗତ ୯ ମାର୍ଚ୍ଚ, ୨୦୨୪ ତାରିଖରୁ ନିଖୋଜ ଅଛି। ଅଭିଭାବକଙ୍କ ଅଭିଯୋଗ ଅନୁଯାୟୀ ଥାନାରେ ମାମଲା(ନଂ. ୬୬/ ୨୦୨୪) ରୁଜୁ ହୋଇଥିଲେ ମଧ୍ୟ ଅଦ୍ୟାବଧି ସନ୍ଧାନ ମିଳିପାରିନାହିଁ। ବିଭାଗୀୟ ମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ନିଖୋଜ ନାବାଳିକାଙ୍କୁ ଉଦ୍ଧାର କରିବା ସହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସେ ଦାବି କରିଥିଲେ।



## ରାଧାକୃଷ୍ଣ ମନ୍ଦିର ପକ୍ଷରୁ ସାଂସ୍କୃତିକ ପ୍ରତିଯୋଗିତା

ବାହାନଗା, ୨୭।୮(ଅରୂପ୍ କୁମାର ଦାସ)

ଖନ୍ତାପଡା ଥାନା ଅଧୀନ ରେମୁଣା ବ୍ଲକ ଶ୍ରୀଜଙ୍ଗ ପଞ୍ଚାୟତ ମହମ୍ମଦାବାଦ ଗ୍ରାମରେ ଜନ୍ମାଷ୍ଟମୀ ଅବସରରେ ରାଧାକୃଷ୍ଣ ମନ୍ଦିର ଟ୍ରଷ୍ଟ ପକ୍ଷରୁ ସୋମବାର ଛାତ୍ରୀଛାତ୍ରମାନଙ୍କୁ ନେଇ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ଆଖପାଖ ଅଞ୍ଚଳର ୧୫ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିରେ ଫ୍ୟାନ୍ସି ଡ୍ରେସ୍, କୁଇଜ୍ ପ୍ରତିଯୋଗିତା, ଚିତ୍ରାଙ୍କନ ପ୍ରତିଯୋଗିତା ଏବଂ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମନ୍ଦିର ଟ୍ରଷ୍ଟ କମିଟି ସଭ୍ୟ ଦୁର୍ଯ୍ୟୋଧନ ସାହୁ, ରବୀନ୍ଦ୍ର ସ୍ୱାଇଁ, ରତ୍ନାକର ଗୋଛାୟତ ପ୍ରମୁଖ ପରିଚାଳନା କରିଥିଲେ। ମନ୍ଦିର କମିଟି ସକ୍ରିୟ ସଦସ୍ୟ ନକୁଳ ପରିଡା, ଚନ୍ଦନ କୁମାର ଜେନା, ମାନସ ରଞ୍ଜନ ମହାନ୍ତି, ପ୍ରବୋଧ ମହାନ୍ତି, ସୁରେଶ ଚନ୍ଦ୍ର ମହାନ୍ତି, ଲକ୍ଷ୍ମୀକାନ୍ତ ପରିଡା ଏବଂ ଅନୀଲ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ ଉତ୍ସବରେ ଉପସ୍ଥିତ କମିଟି ସମ୍ପାଦକ ବସନ୍ତ ମହାନ୍ତି ଯୋଗଦେଇ ସମାଜର ଧାର୍ମିକ ଚେତନା ଜାଗରଣ ପାଇଁ ଏଭଳି ସାଂସ୍କୃତିକ କାର୍ଯ୍ୟକ୍ରମ କରିବାକୁ ନିବେଦନ କରିଥିଲେ। ଏଭଳି ସାଂସ୍କୃତିକ ପ୍ରତିଯୋଗିତା ଫଳରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଧର୍ମ ଚେତନା ଉପରେ ଆଗ୍ରହ ବଢ଼ିବ ବୋଲି ପ୍ରକାଶ କରିଥିଲେ।



## ସତ୍ୟନାରାୟଣ ମନ୍ଦିରରେ ବାର୍ଷିକ ଜନ୍ମାଷ୍ଟମୀ

ସିମୁଳିଆ, ୨୭।୮(ସନ୍ତୋଷ ନାୟକ)- ସିମୁଳିଆ ବ୍ଲକ ମାର୍କୋଣା ଷ୍ଟେଶନ ବଜାରରେ ପ୍ରତିଷ୍ଠିତ ଶ୍ରୀ ସତ୍ୟନାରାୟଣ ମନ୍ଦିରର ୬୬ତମ ବାର୍ଷିକ ଜନ୍ମାଷ୍ଟମୀ ଉତ୍ସବ ସୋମବାର ଦିବସବ୍ୟାପୀ ପାଳିତ ହୋଇଛି। ଏହି ଅବସରରେ ପ୍ରାତଃରେ ପୂଜକ ବିଜୟ କୁମାର ପଣ୍ଡା ବିଧି ଉପଚାର ପୂଜା କରିଥିଲେ। ସକାଳ ୮ଟାରେ ଘଟୋତ୍ତଳନ, ବାଳ ଗୋପାଳଙ୍କ ଷୋଡଶ ଉପଚାର ପୂଜା, ହୋମ, ଗୀତା ପାଠ ହୋଇଥିଲା। ମଧ୍ୟାହ୍ନରେ ଅନୁଷ୍ଠିତ ନାରାୟଣ ସେବାରେ ୨ହଜାରରୁ ଉର୍ଦ୍ଧ୍ୱ ଭକ୍ତ ଯୋଗ ଦେଇଥିଲେ। ସନ୍ଧ୍ୟାରେ ଆଳତୀ ଓ ପୂର୍ଣ୍ଣାହୁତି ଉତ୍ସବ ଅନୁଷ୍ଠିତ ହୋଇଥିଲା। କର୍ତ୍ତା ରୂପେ ସୁଶୀଳା ଖଣ୍ଡେଲୱାଲ ଓ ଶୀତାରାମ ଖଣ୍ଡେଲୱାଲ ଥିଲେ। ବ୍ରତୀ ରୂପେ ୩ଶହରୁ ଉର୍ଦ୍ଧ୍ୱ ମହିଳା ପୂଜାର୍ଚ୍ଚନା କରିଥିଲେ। ମୁଖ୍ୟ ପଣ୍ଡିତ ରୂପେ ଦୟାନିଧି ପତ୍ରୀ, ଭାରତ ଭୂଷଣ ଦାଶ ଥିଲେ। ଅନୁଷ୍ଠାନ ସଭାପତି ସୂର୍ଯ୍ୟକାନ୍ତ ମହାପାତ୍ର ଓ ସମ୍ପାଦକ ଶିବ ବେହେରାଙ୍କ ସମେତ କମିଟିର ୨୧ଜଣ ସଭ୍ୟ, ଭକ୍ତ ଓ ସହଯୋଗୀମାନଙ୍କ ଦ୍ୱାରା ଏହି ଉତ୍ସବ ଅନୁଷ୍ଠିତ ଆସୁଛି।

## ବସ୍ ଚଳାଚଳକୁ ନେଇ ବିବାଦ

### ଜିଲାପାଳଙ୍କଠାରେ ଅଭିଯୋଗ

ଖୁଣ୍ଟା, ୨୭।୮
(ଦେବରଞ୍ଜନ ବେହେରା)

ଖୁଣ୍ଟା ବ୍ଲକ ଅଧୀନ ଭୋଳାଗଡ଼ିଆ ପଞ୍ଚାୟତକୁ ଆସୁଥିବା ଏକ ଘରୋଇ ବସ୍ ଚଳାଚଳକୁ ନେଇ ବିବାଦ ସୃଷ୍ଟି ହୋଇଛି। ଗନ୍ତବ୍ୟସ୍ଥଳରେ ଉକ୍ତ ଯାତ୍ରୀବାହି ବସ୍‌ଟି ପହଞ୍ଚି ପାରୁ ନ ଥିବା ଯୋଗୁ ଯାତ୍ରୀମାନଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଯାହାକୁ ନେଇ ଅସନ୍ତୋଷ ଦେଖାଦେବା ସହ ଏ ସମ୍ପର୍କରେ ମୟୂରଭଞ୍ଜ ଜିଲାପାଳଙ୍କଠାରେ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଉପାନ୍ତ ଅଞ୍ଚଳର ଜନସାଧାରଣଙ୍କୁ ବସ୍‌ସେବା ଯୋଗାଇ ଦେବାକୁ ଦୃଷ୍ଟିରେ ରଖି ସରକାରଙ୍କ ପରିବହନ ବିଭାଗ ପକ୍ଷରୁ ଭୁବନେଶ୍ୱରରୁ ଭୋଳାଗଡ଼ିଆ ପଞ୍ଚାୟତକୁ ଭାୟା ନିଳଗିରି-ସେରଗଡ଼ ଦେଇ ଏକ ଘରୋଇ ବସ୍ ଚଳାଚଳ ପାଇଁ ପରମିଟ୍ ପ୍ରଦାନ କରାଯାଇଥିଲା। ଏହାକୁ ଆଧାର କରି ଉକ୍ତ ଘରୋଇ ଯାତ୍ରୀବାହି ବସ୍‌ଟି ମଧ୍ୟ ସଂପୃକ୍ତ ରୁଟ୍ ଦେଇ ଚଳାଚଳ କରୁଥିଲା। ତେବେ ଗାଡ଼ିଟି ଚାଲିବାର କିଛି ଦିନ ପରେ ଶେଷ ଗନ୍ତବ୍ୟ ସ୍ଥଳ ଭୋଳାଗଡ଼ିଆକୁ ଯାଉନାହିଁ। ଉଦଳାଠାରେ ଉକ୍ତ ବସ୍‌ଟିକୁ ଭୋଳାଗଡ଼ିଆକୁ ଛଡ଼ା ଯାଉ ନ ଥିବା ଜାଣିବାକୁ ପାଇ ଗ୍ରାମବାସୀ ଜିଲାପାଳଙ୍କଠାରେ ଅଭିଯୋଗ କରିଥିବା କହିଛନ୍ତି।

## ଦୋକାନରୁ ଚୋରି

ବୈଶିଙ୍ଗା, ୨୭।୮(ରତନ ଦାଶ)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ବଜାର ଅଞ୍ଚଳରେ ଦିନକୁ ଦିନ ଚୋରି ବଢ଼ିଚାଲିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବୈଶିଙ୍ଗା ବଜାରରେ ଦାମୋଦର ଜେନା 'ବାବୁଲି ଟିଭି' ନାମରେ ଏକ ଇଲେକ୍ଟ୍ରୋନିକ ଉପକରଣ ଦୋକାନ କରିଛନ୍ତି। ସୋମବାର ତାଙ୍କ ଅନୁପସ୍ଥିତିରେ ସୁଯୋଗ ନେଇ ଜଣେ ମହିଳା ଦୋକାନରେ ପହଞ୍ଚି ଗୋଟିଏ ୨୪ଇଞ୍ଚର ଟିଭି ଏବଂ ଗୋଟିଏ ଗ୍ରାଇଣ୍ଡର ଧରି ପଳାଇ ଯାଉଥିବା ସିସି କ୍ୟାମେରାରେ ଦେଖା ଯାଇଥିଲା। ଅଳ୍ପ ସମୟ ପରେ ଦାମୋଦର ଦୋକାନରେ ପହଞ୍ଚି ଏହା ଜାଣିବାକୁ ପାଇଥିଲେ। ବହୁ ଖୋଜା ଖୋଜି କରିବାପରେ କୌଣସି ପତ୍ତା ନ ମିଳିବାରୁ ବୈଶିଙ୍ଗା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅନୁସନ୍ଧାନ ଜାରି ରଖିଥିଲେ ହେଁ ମହିଳାଙ୍କ ସମ୍ପର୍କରେ କୌଣସି ସୁରାକ ମିଳିପାରି ନାହିଁ।

## ଏଫ୍‌ଏମ୍‌ୟୁ ସହ ବିଏସ୍‌ୟୁର ବୁଝାମଣାପତ୍ର

ବାଲେଶ୍ୱର, ୨୭।୮(ବାଞ୍ଛାନିଧି ଦେ)

**ଅତିରିକ୍ତ ଅଧ୍ୟାପନା କାର୍ଯ୍ୟକ୍ରମ**



ଉଭୟ ବିଶ୍ୱବିଦ୍ୟାଳୟ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ବୁଝାମଣାପତ୍ର।

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ (ଏଫ୍‌ଏମ୍‌ୟୁ) ସହ ପଶ୍ଚିମବଙ୍ଗ ମେଦିନୀପୁରସ୍ଥିତ ବିଦ୍ୟାସାଗର ବିଶ୍ୱବିଦ୍ୟାଳୟ(ବିଏସ୍‌ୟୁ) ସହ ମଙ୍ଗଳବାର ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କୁଳସଚିବ କୁକୁମୀନା ଦାସ ଓ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ବିଦ୍ୟାସାଗର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସୁଶାନ୍ତ କୁମାର ଚକ୍ରବର୍ତ୍ତୀଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। କୁଳପତି ପ୍ରଫେସର ତ୍ରିପାଠୀ ଏହି ବୁଝାମଣାପତ୍ର ଦ୍ୱାରା ଉଭୟ ଅନୁଷ୍ଠାନରେ ସାହିତ୍ୟିକ କାର୍ଯ୍ୟକଳାପ, ସମାନ କାର୍ଯ୍ୟକ୍ଷେତ୍ରରେ ଗବେଷଣା, ସ୍ଥାୟୀ ଅଭିବୃଦ୍ଧି ପାଇଁ ଆବଶ୍ୟକ ପଦକ୍ଷେପ, ସମାଜର ବିକାଶ କ୍ଷେତ୍ରରେ ଉନ୍ନତିକରଣର ଆଗ୍ରହ, ସାମାଜିକ ଲାଭ ପାଇଁ ବିଭାଗୀୟ ଆଗ୍ରହ ଆଦିର ପାରସ୍ପରିକ ସହଯୋଗର ଲକ୍ଷ୍ୟ ରହିଛି ବୋଲି ଅଭିଭାଷଣରେ କହିଥିଲେ। କୁଳପତି ପ୍ରଫେସର ଚକ୍ରବର୍ତ୍ତୀ ଏହି ବୁଝାମଣାପତ୍ରର ସୁଯୋଗ ନେଇ ଦୁଇ ଅନୁଷ୍ଠାନରେ ଗବେଷଣାମୂଳକ ଉନ୍ନୟନ ସହ ଅଧ୍ୟାପିକାଅଧ୍ୟାପକଙ୍କ ତଥ୍ୟାଧାର ବିକାଶ ତଥା ପାରସ୍ପରିକ କ୍ରିୟାକ୍ଷମ ଦ୍ୱାରା ନୂତନ ଉଦ୍ୟମ ଆରମ୍ଭ କରାଯିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଏସ୍‌ୟୁର କୁଳପତି ପ୍ରଫେସର ଚକ୍ରବର୍ତ୍ତୀଙ୍କ ଦ୍ୱାରା ଏକ ଅତିରିକ୍ତ ଅଧ୍ୟାପନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। 'ବର୍ଜ୍ୟବସ୍ତୁର ସ୍ଥାୟୀ ପରିଚାଳନା: ସାମାଜିକ-ଅର୍ଥନୈତିକ ପ୍ରଭାବ' ପ୍ରସଙ୍ଗ ସମ୍ବନ୍ଧରେ ସେ ନିଜ ଉପସ୍ଥାପନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଡ. ମନୋଜିତ ଭଟ୍ଟାଚାର୍ଯ୍ୟ ସଞ୍ଚାଳନ କରିଥିଲେ।

## ୧୭୩ ଅଭିଯୋଗର ହେଲା ଶୁଣାଣି

ବାରିପଦା, ୨୭।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ଲମ୍ବା ଲାଇନରେ ଅଭିଯୋଗକାରୀ।

ମୟୂରଭଞ୍ଜ ଜିଲା ସଦର ମହକୁମା ବାରିପଦାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ହେମକାନ୍ତ ସାଏ ଓ ଏସ୍‌ପି ଏସ୍.ସୁଶ୍ରୀ ଉପସ୍ଥିତ ରହି ଆପତ୍ତି ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଉପଖଣ୍ଡ ଅଧୀନରେ ଥିବା ୪ଟି ବ୍ଲକର ମୋଟ ୧୭୩ଟି ଅଭିଯୋଗର ଶୁଣାଣି କରିଥିଲେ। ଏହି ଅଭିଯୋଗ ମଧ୍ୟରୁ ୧୪୮ଟି ବ୍ୟକ୍ତିଗତ ସମସ୍ୟା ଥିବା ବେଳେ ୨୫ଟି ସାମୁହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ରହିଥିଲା। ସେଥି ମଧ୍ୟରୁ ୬ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବା ବେଳେ ସେମାନଙ୍କ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହା ସହିତ ରେଡକ୍ରସ ପାଣ୍ଠିରୁ ଜଣକୁ ୫ହଜାର ଟଙ୍କା ଅର୍ଥରାଶି ମଞ୍ଜୁର କରାଯାଇଛି । ଶିବିରରେ ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗଗୁଡ଼ିକ ଉପରେ ବିଚାର କରି ତାର ସମାଧାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ବିଭୂତି ଭୂଷଣ ନାୟକ, ନେତ୍ରାନନ୍ଦ ମଲ୍ଲିକ, ଉଦୟ କୁମାର ମହାପାତ୍ର, ଉପଜିଲାପାଳ ଇଶ୍ୱର ଚନ୍ଦ୍ର ନାଏକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀକାନ୍ତ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲା ସ୍ୱାସ୍ଥ୍ୟ ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଭୟ କୁମାର ଦାଶ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଉପଖଣ୍ଡ ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଘରେ ଶୋଇଥିବା ବେଳେ କାମୁଡ଼ିଲା ସାପ

ଚାନ୍ଦବାଲି,୨୭।୮(କିଷାନ ପାତ୍ର)

ଚାନ୍ଦବାଲି ବ୍ଲକ ଅଧୀନ ବିଜୟନଗର ପଞ୍ଚାୟତର ସାରନାଇଛାପୁର ଗ୍ରାମରେ ସୋମବାର ରାତିରେ ସାପ କାମୁଡ଼ାରେ ସଖୀ ମହାରଣା(୫୭)ଙ୍କ ମୃତ୍ୟୁ ଘଟିଛି। ରାତିରେ ଘରେ ଶୋଇଥିବା ସମୟରେ ବିଛଣାରେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ିଥିଲା। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଚାନ୍ଦବାଲିରେ ତାଙ୍କୁ ଇଞ୍ଜେକ୍ସନ ଦେଇ ପ୍ରଥମେ ଭଦ୍ରକ ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଶ୍ରାବଣୀ ଉପାକ୍ରମ ଉଦ୍‌ଯାପିତ

ଧାମନଗର, ୨୭।୮ (ଦେବେନ୍ଦ୍ର ଆନ୍ଦିଆ)

ଧାମନଗର ବ୍ଲକ ଦୋବଲ କାଳୀବଜାରସ୍ଥିତ ବୈଦିକ ଯଜ୍ଞ ସତ୍‌ସଙ୍ଗ ସମିତି ପକ୍ଷରୁ ୯ ଦିନ ଧରି ଚାଲିଥିବା ଶ୍ରାବଣୀ ଉପାକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ବିଭିନ୍ନ ଦିବସରେ ବିଭିନ୍ନ ଗ୍ରାମରେ ବୈଦିକ ଯଜ୍ଞ ଅନୁଷ୍ଠିତ ହୋଇଥିବା ବେଳେ ମଙ୍ଗଳବାର ଯଜ୍ଞ ମଣ୍ଡପରେ ପୂର୍ଣ୍ଣାହୁତି ଦିଆଯାଇଛି। ପଣ୍ଡିତ ନକୁଳଦେବ ଶାସ୍ତ୍ରୀ, ନୃସିଂହ ବ୍ରହ୍ମଚାରୀ ଓ ସୁଧାକର ଶାସ୍ତ୍ରୀ ଯଜ୍ଞର ପୁରୋଧା ଭାବେ ରହିଥିଲେ। ପରମେଶ୍ୱର ଜେନା ଓ ମଞ୍ଜୁଲତା ଜେନା ଯଜମାନ କାର୍ଯ୍ୟ ତୁଲାଇଥିଲେ। ସମିତିର ସଭାପତି କୃତିବାସ ତ୍ରିପାଠୀ, ସମ୍ପାଦକ ପ୍ରମୋଦ କୁମାର ନାୟକ, କମଳାକାନ୍ତ ଦାସ, ଘନଶ୍ୟାମ ଥାଟେଇ, ପ୍ରିୟରଞ୍ଜନ ସାମଲ, ରାହସବିହାରୀ ମହାନ୍ତି, ରାମଚନ୍ଦ୍ର ଜେନା, ଅଭିମନ୍ୟୁ ମଲ୍ଲିକ, ଜ୍ଞାନରଞ୍ଜନ କର, ପ୍ରଶାନ୍ତ କୁମାର ସାହୁ, ଜ୍ଞାନେନ୍ଦ୍ର ସାହୁ, ରଣଜିତ ମହାନ୍ତି, ବିଷ୍ଣୁ ଚରଣ ଦାସ ପ୍ରମୁଖ ପରିଚାଳନା କରିଥିଲେ।

### ରାସ୍ତାରୁ ଜବରଦଖଲ ଉଚ୍ଛେଦ ଦାବି

ଭଣ୍ଡାରିପୋଖରୀ,୨୭।୮(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକର ସରସଦା ମାସ୍ତାନିସାହି ରାସ୍ତାରେ ଉଭୟପାର୍ଶ୍ୱ ଜବରଦଖଲ ଯୋଗୁ ଜଳ ନିଷ୍କାସନ ପାଇଁ ନାଳ ନିର୍ମାଣ ହୋଇପାରୁ ନାହିଁ। ବର୍ଷାଦିନେ ଏହି ଖାଲୁଆ ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହୁଛି। ଏପରିକି ଜମି ରହିଥିବା ବର୍ଷା ଜଳରେ ଯାତାୟାତ ନିରାପଦ ନ ଥିବାବେଳେ ଏହି ରାସ୍ତାରେ ପାଣିରେ ପଶି ଯିବା ବେଳେ ଜଣେ ସ୍କୁଲ ପିଲା ଗତ ସପ୍ତାହରେ ସାପ କାମୁଡ଼ାର ଶିକାର ହୋଇଥିଲେ। ଏହି ରାସ୍ତାରୁ ଜବରଦଖଲ ଉଚ୍ଛେଦ ସହ ଜଳ ନିଷ୍କାସନ ନାଳ ନିର୍ମାଣ ପାଇଁ ସାହିଲୋକେ ବାରମ୍ବାର ଗୁହାରୀ କରି ବିଫଳ ହୋଇଛନ୍ତି। ଅଙ୍କିତା ସେଣ୍ଠ, ଶୁଭଲକ୍ଷ୍ମୀ ସେଣ୍ଠ, ସତ୍ୟଭାମା ସେଣ୍ଠ, ସେବତୀ ସେଣ୍ଠ, ଇତିଶ୍ରୀ ପ୍ରଧାନ, ପଦ୍ମାବତୀ ସେଣ୍ଠ, ରୁକ୍ମଣୀ ସେଣ୍ଠ, ଝୁନା ସେଣ୍ଠ, ବାସନ୍ତୀ ପ୍ରଧାନ, ହେମଲତା ପ୍ରଧାନ ପ୍ରମୁଖ ସାହି ଲୋକେ ମଙ୍ଗଳବାର ବିଡିଓଙ୍କୁ ଦରଖାସ୍ତ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ବିଡିଓ ଏନେଇ ପଦକ୍ଷେପ ନେବେ ବୋଲି ସେମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ୫ଶହ ଏକର ଜମିରେ ମାଡୁନି ପାଣି

- ନାଳ ଅବରୋଧ ଯୋଗୁ ଜଳସେଚନରେ ବାଧା
- ଜନଶୁଣାଣି ଶିବିରରେ ଅଭିଯୋଗ କଲେ ଚାଷୀ

ତିହିଡ଼ି,୨୭।୮(ସଞ୍ଜିତ ବଳ)



ଚାଷୀମାନେ ଅଧିକାରୀମାନଙ୍କ ନିକଟରେ ଅଭିଯୋଗ କରୁଛନ୍ତି।

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ସିନ୍ଦୋଳ ଓ କୋହ୍ଲ ପଞ୍ଚାୟତର ୫ଶହ ଏକରରୁ ଊର୍ଦ୍ଧ୍ୱ ଚାଷଜମି ଜଳସେଚନରୁ ବଞ୍ଚିତ ହୋଇଛି। ସିନ୍ଦୋଳ ଶାସନ ମହାଦେବ ନାଳକୁ ଅବରୋଧ କରାଯାଇଥିବାରୁ ଏ ପ୍ରକାର ପରିସ୍ଥିତି ଉପୁଜିଛି। ତିହିଡ଼ି ପଞ୍ଚାୟତ ସମିତି ସଭାଗୃହରେ ମଙ୍ଗଳବାର ଅନୁଷ୍ଠିତ ମିଳିତ ଅଭିଯୋଗ ଶୁଣାଣି ଶିବିରରେ ୨ ପଞ୍ଚାୟତର ଚାଷୀମାନେ ଏ ସମ୍ପର୍କରେ ଅଭିଯୋଗ କରି ତୁରନ୍ତ ପଦକ୍ଷେପ ନେବାକୁ ଦାବି ଜଣାଇଛନ୍ତି।

ପୂର୍ବତନ ସରପଞ୍ଚ ବୈକୁଣ୍ଠନାଥ ପାଣି ଓ ପ୍ରଦୀପ କୁମାର ସାହୁଙ୍କ ସହ ଶଶିକାନ୍ତ ସାହୁ, ବିନୋଦ ବିହାରୀ ସାହୁ, ନିରଞ୍ଜନ ପାଣି, ଲକ୍ଷ୍ମୀଧର ସେନାପତି, ଅରୁଣ କୁମାର ବାରିକ ପ୍ରମୁଖ ଚାଷୀ ଅଭିଯୋଗ କରିଛନ୍ତି ଯେ, ସିନ୍ଦୋଳ ଶାସନ ମହାଦେବ ନାଳ ପାଇଁ ସିନ୍ଦୋଳ ଓ କୋହ୍ଲ ପଞ୍ଚାୟତର ୫ଶହ ଏକରରୁ ଊର୍ଦ୍ଧ୍ୱ ଚାଷଜମି ଜଳସେଚିତ ହେଉଥିଲା। ୨୦୧୨ରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ନାଳଖୋଳା କାର୍ଯ୍ୟ ଚାଲିଥିବା ବେଳେ ଜଣେ ବ୍ୟକ୍ତି କାର୍ଯ୍ୟ ବନ୍ଦ କରିଥିଲେ। ବ୍ୟକ୍ତି ଜଣକ ଚଞ୍ଚକତା କରି ସରକାରୀ ନାଳକୁ ନିଜ ନାଁରେ ପଟ୍ଟା କରିବା ସହ ମାଟି ପକାଇ ପୋତି ଦେଇଥିବା ପଞ୍ଚାୟତବାସୀ ଜାଣିବା ପରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ପଞ୍ଚାୟତବାସୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଉପଜିଲାପାଳଙ୍କ କୋର୍ଟରେ ଏହି ମାମଲା (ନଂ.୧୧/୨୩) ଚାଲିଛି। ହାଇକୋର୍ଟ ନିର୍ଦ୍ଦେଶ ଅନୁଯାୟୀ ୪ ମାସ ମଧ୍ୟରେ କେସ୍‌ର ଫଇସଲା କରି ନ୍ୟାୟ ପ୍ରଦାନ କରିବାକୁ ଥିବାବେଳେ ଆଜିଯାଏ ଏହା ହୋଇପାରି ନ ଥିବାରୁ ଚାଷୀମାନେ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଥିବା ଦର୍ଶାଇଥିଲେ। ତୁରନ୍ତ ମକଦ୍ଦମାର ସମାଧାନ କରି ଦଶମୌଜା କେନାଲରୁ ଚାଷଜମି ଯାଏ ପାର୍ଶ୍ୱ ରାସ୍ତା ଅବରୋଧମୁକ୍ତ କରାଇବା ଦିଗରେ ପଦକ୍ଷେପ ନେବାକୁ ସେମାନେ ଦାବି ଜଣାଇଛନ୍ତି।

ଜିଲାପାଳ ଦିଲୀପ ରାଉତରାଏ, ଏସ୍‌ପି ବରୁଣ ଗୁଣ୍ଟୁପାଲି, ଉପଜିଲାପାଳ ମନୋଜ କୁମାର ପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଭାତ କୁମାର ବେହେରା, ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ବିଡିଓ ଜ୍ୟୋତିର୍ମୟ କର ପ୍ରମୁଖ ଶିବିରରେ ଯୋଗ ଦେଇଥିଲେ। ଶିବିରରେ ବିଭିନ୍ନ ଅଞ୍ଚଳର ମୋଟ ୧୨୫ ଅଭିଯୋଗର ଶୁଣାଣି କରାଯାଇଥିଲା। ଏବିଡିଓ ମାନସ କୁମାର ଜେନା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନୀହାର ରଞ୍ଜନ ରାଉତ, ଜିପିଓ ପ୍ଲାବନ ପଣ୍ଡାଙ୍କ ସମେତ ବ୍ଲକ କର୍ମଚାରୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ମଧ୍ୟରାତ୍ରରେ ହେଲା କଂସ ମହୀପାଳ ନୀତି



ପରମ୍ପରା ଅନୁସାରେ ବସୁଦେବଙ୍କୁ ଉଗ୍ରସେନ ଅଟକାଉଛନ୍ତି।

ଚାନ୍ଦବାଲି,୨୭।୮(କିଷାନ ପାତ୍ର)

**ଆଖଣ୍ଡଳମଣି ପୀଠରେ ଜନ୍ମାଷ୍ଟମୀ ଉତ୍ସବ**

ଭଦ୍ରକ ଜିଲା ଆରଡ଼ି ଆଖଣ୍ଡଳମଣି ପୀଠରେ ପୁରାତନ ପରମ୍ପରା ଓ ପ୍ରଥା ଅନୁସାରେ ଜନ୍ମାଷ୍ଟମୀ ପାଳନ କରାଯାଇଥିଲା। ଏହି ଅବସରରେ ସୋମବାର ମଧ୍ୟରାତ୍ରରେ କଂସ ମହୀପାଳ ନୀତି ଅନୁଷ୍ଠିତ ହୋଇଥିଲା। ଏହି ନିଆରା ପରମ୍ପରା ଦେଖିବାକୁ ପୀଠରେ ଲୋକଙ୍କ ଭିଡ଼ ଜମିଥିଲା। ଜଣେ ସେବାୟତ ବସୁଦେବ ସାଜି ଶ୍ରୀକୃଷ୍ଣଙ୍କୁ ମୁଣ୍ଡରେ ମୁଣ୍ଡାଇ ମନ୍ଦିର ବେଢ଼ାକୁ ପ୍ରବେଶ କରୁଥିବା ସମୟରେ ଅନ୍ୟ ଜଣେ ସେବାୟତ ଉଗ୍ରସେନ ସାଜି ତାଙ୍କ ବାଟ ଓଗାଳିଥିଲେ। ବସୁଦେବ ଶ୍ରୀକୃଷ୍ଣଙ୍କୁ ଦେଖାଇବା ପରେ ସେ ବାଟ ଛାଡ଼ିଥିଲେ। ସମ୍ପୂର୍ଣ୍ଣ ପୌରାଣିକ କଥାକୁ ମନ୍ଦିର ଭିତରେ ଉପସ୍ଥାପନ କରାଯାଇଥିଲା। ପରେ ମଧ୍ୟରାତ୍ରରେ କଂସ ମହୀପାଳ ନୀତି ସମ୍ପନ୍ନ ହୋଇଥିଲା। ଜନ୍ମାଷ୍ଟମୀ ପାଇଁ ମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା।

# କଲେଜ ଆଗରେ ଧାରଣା ୭ମ ଦିନରେ



ବରପଦା ଇଞ୍ଜିନିୟରିଂ କଲେଜ ଆଗରେ ଧାରଣାରତ କର୍ମଚାରୀମାନେ।

ଭଦ୍ରକ,୨୭।୮(ସନାତନ ରାଉତ)

ଭଦ୍ରକ ବରପଦା ଇଞ୍ଜିନିୟରିଂ କଲେଜ ଅଧ୍ୟକ୍ଷଙ୍କ ବହିଷ୍କାର ଓ ଗିରଫ ଦାବିରେ କଲେଜ ଫାଟକ ଆଗରେ ଚାଲିଥିବା କର୍ମଚାରୀଙ୍କ ଧାରଣା ମଙ୍ଗଳବାର ୭ମ ଦିନରେ ପହଞ୍ଚିଛି।

୭ ଦିନ ଧରି ଏହି ଧାରଣା ଚାଲିଥିବା ବେଳେ କୌଣସି ପ୍ରଶାସନିକ ଅଧିକାରୀ କିମ୍ବା କଲେଜ କର୍ତ୍ତୃପକ୍ଷ ଧାରଣାରତ କର୍ମଚାରୀଙ୍କ ନିକଟକୁ ଯାଇ ଆଲୋଚନା କରି ନ ଥିବା ସେମାନେ ପ୍ରକାଶ କରିଛନ୍ତି। ଗତ ୭ ତାରିଖରେ କଲେଜର କର୍ମଚାରୀ ଭାଗୀରଥି ରାଉତଙ୍କୁ ୨ଜଣ ସ୍ଥାନୀୟ ଯୁବକ କଲେଜ ପରିସରରେ ଆକ୍ରମଣ କରିଥିବା ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ ହୋଇଥିଲା। ଏଥିରେ କଲେଜ ଅଧ୍ୟକ୍ଷଙ୍କ ସମ୍ପୃକ୍ତି ଥିବା ନେଇ ଅଭିଯୋଗରେ ଦର୍ଶାଯାଇଥିଲା। ଏନେଇ ଥାନାରେ ମାମଲା(ନଂ. ୫୨୨/୨୪) ରୁଜୁ କରାଯାଇଥିଲେ ହେଁ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଅଭିଯୋଗ ହୋଇଛି। ଅଧ୍ୟକ୍ଷଙ୍କୁ ବହିଷ୍କାର ଓ ଗିରଫ ସହ ତାଙ୍କ କାର୍ଯ୍ୟକାଳ ସମୟରେ ଅନୁଷ୍ଠାନର ଆୟବ୍ୟୟର ତଦନ୍ତ, ଦୁର୍ନୀତି, ପରିଚାଳନା କମିଟି ଭଙ୍ଗ, କର୍ମଚାରୀମାନଙ୍କ ବକେୟା ଦରମା ପ୍ରଦାନ ଆଦି ଦାବିରେ ଭାଗୀରଥି, ରଘୁନାଥ ନାୟକ, ସଞ୍ଜୀବ ରାୟ, ପ୍ରଫୁଲ୍ଲ ଜେନା, ଶୁଭଶ୍ରୀ ନାୟକ, ତିଳୋତ୍ତମା ଜେନାଙ୍କ ସମେତ ଅବସରପ୍ରାପ୍ତ ଓ ଛଟେଇ କର୍ମଚାରୀମାନେ ଧାରଣାରେ ବସିଛନ୍ତି। ଏ ସମ୍ପର୍କରେ ଅଧ୍ୟକ୍ଷ ମୋହନ ପଣ୍ଡା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଛନ୍ତି।

# ୪ରେ ପିରହାଟ ଥାନା ସାମ୍ନାରେ ବିକ୍ଷୋଭ

### ଚୋରଙ୍କୁ ଠାବ କରିବାରେ ପୋଲିସ ବିଫଳ

ତିହିଡ଼ି,୨୭।୮(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ପିରହାଟ ଥାନା ଅଧୀନ ଜାମଯୋଡ଼ି ପଞ୍ଚାୟତ ସାମନ୍ତରାୟପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ କିଛିଦିନ ପୂର୍ବେ ଚୋରି ହୋଇଥିଲା। ଏନେଇ ପିରହାଟ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ ଚୋରମାନଙ୍କୁ ଧରିବାରେ ବିଫଳ ହୋଇଛି। ଏହାବ୍ୟତୀତ ଧାମରା ରେଳପଥରୁ କୋଇଲା ଚୋରି ନିତିଦିନିଆ ଘଟଣା ପାଲଟିଥିଲେ ବି ପୋଲିସ ନୀରବଦ୍ରଷ୍ଟା ସାଜିଛି ବୋଲି ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଗ୍ରାମବାସୀ ଆସନ୍ତା ସେପ୍ଟେମ୍ବର ୪ରେ ପିରହାଟ ଥାନା ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ମଙ୍ଗଳବାର ଏ ସମ୍ପର୍କରେ ଜିଲାପାଳ ଓ ଏସ୍‌ପିଙ୍କ ନିକଟକୁ ଡାକ ଯୋଗେ ଅଭିଯୋଗ ପଠାଇଥିବା ବେଳେ ପିରହାଟ ଥାନାଧିକାରୀଙ୍କୁ ଭେଟି ସେମାନେ ଅଭିଯୋଗ କରିଛନ୍ତି।

ସରପଞ୍ଚ ପ୍ରଶାନ୍ତ ବିଶ୍ୱାଳଙ୍କ ସମେତ ସନ୍ତଚରଣ ବିଶ୍ୱାଳ, ଗୋବର୍ଦ୍ଧନ ନାୟକ, ଗୋଲକ ସେଠୀ, ବସନ୍ତ ନାୟକ, ରତିକାନ୍ତ ନାୟକ, ଦେବାଶିଷ ମଲ୍ଲିକ, ରବୀନ୍ଦ୍ର ବଳ ପ୍ରମୁଖ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ୧୫ ଦିନ ପୂର୍ବେ ଗ୍ରାମର ବ୍ରହ୍ମାନନ୍ଦ ନାୟକଙ୍କ ପରିବାର ଲୋକେ ଶୋଇଥିବା ବେଳେ ଚୋରମାନେ ତାଙ୍କ ଘରେ ପଶି ବାକ୍ସ ଭାଙ୍ଗି ୮୦ ହଜାର ଟଙ୍କା ଚୋରି କରି ନେଇଥିଲେ। ଏହାର ୮ଦିନ ପରେ ଚୋରମାନେ ପୁଣିଥରେ ତାଙ୍କ ଘରେ ପଶି ଚୋରି କରିବାକୁ ଉଦ୍ୟମ କରୁଥିବା ବେଳେ ପରିବାର ଲୋକେ ଉଠି ପଡ଼ିବାରୁ ସେମାନେ ଦୌଡ଼ି ପଳାଇଥିଲେ। ଏହି ଘଟଣାକୁ ନେଇ ଗ୍ରାମରେ ସଭା ହୋଇ ନିଷ୍ପତ୍ତିକ୍ରମେ ପିରହାଟ ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ଏଯାଏ ଚୋରଙ୍କୁ ଠାବ କରିବାରେ ବିଫଳ ହୋଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଆଇଆଇସି ଅଜୟ କୁମାର ମୁର୍ମୁ ତଦନ୍ତ ଚାଲିଛି, ଖୁବ୍‌ଶୀଘ୍ର ଚୋରଙ୍କ ସନ୍ଧାନ ମିଳିବ ବୋଲି କହିଛନ୍ତି।

# ଶୋଭାଯାତ୍ରାରେ ବାଜିବନି ଡିଜେ

**ପ୍ରଫେଟ ହଜରତ ମହମ୍ମଦଙ୍କ ଜନ୍ମଦିନ ଉପଲକ୍ଷେ ପ୍ରସ୍ତୁତି**

ଭଦ୍ରକ,୨୭।୮(ସନାତନ ରାଉତ)

ଭଦ୍ରକ ପୁରୁଣାବଜାରସ୍ଥିତ ମଦିନା ମଇଦାନଠାରେ ପ୍ରଫେଟ ହଜରତ ମହମ୍ମଦଙ୍କ ଜନ୍ମଦିନ ତଥା ଜଶ୍ନେ ଇଦ୍ ମିଲାଦୁନ୍ ନବୀ ପାଳନ ଉପଲକ୍ଷେ ସୋମବାର ସନ୍ଧ୍ୟାରେ ଭଦ୍ରକ ମୁସ୍‌ଲିମ ଜମାତ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜମାତର ଉପସଭାପତି ମହମ୍ମଦ ଜକାଉଲ୍ଲା ଏଥିରେ ସଭାପତିତ୍ୱ କରିଥିଲେ। ଜମାତର ସାଧାରଣ ସମ୍ପାଦକ ହାଜୀ ଏନାମ ମହମ୍ମଦ, ସମ୍ପାଦକ ଶେଖ୍ ସିରାଜୁଦ୍ଦିନ, ଇଦ୍ ମିଲାଦୁନ୍ ନବୀ ତଥା ସିରତ କମିଟିର ସଭାପତି ହାଜୀ ଅବଦୁଲ ମୁକିତ୍ ଖାନ, ଉପସଭାପତି ଇଂ. ରେଜାଏ ରସୁଲ, ସମ୍ପାଦକ ଅସରଫ ଅଲୀ ଖାନ, ସହସମ୍ପାଦକ ମେହେବୁବ ଖାନ, କୋଷାଧ୍ୟକ୍ଷ ମିର୍ଜା ଏକ୍ରାମ ବେଗ ଏବଂ ୫୬ଟି ବସ୍ତିର ସର୍ଦ୍ଦାର ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟାରେ ଚନ୍ଦ୍ର ଦର୍ଶନ ନେଇ ସେପ୍ଟେମ୍ବର ୧୬ କିମ୍ବା ୧୭ରେ ଇଦ୍ ମିଲାଦୁନ୍ ନବୀ ପର୍ବ ପାଳନ ହେବ। ସମସ୍ତ ଜୁଲୁସ(ମେଢ଼) ଓ କାଫେଲା ପୁରୁଣାବଜାରସ୍ଥିତ ଚୌଖଣ୍ଡିରୁ ବାହାରି ବିଭିନ୍ନ ଛକ ଦେଇ ମଦିନା ମଇଦାନରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ଶୋଭାଯାତ୍ରାରେ ଡିଜେ ସାଉଣ୍ଡ ବାଜିବ ନାହିଁ। କେବଳ ମହମ୍ମଦଙ୍କ ନୀତିବାଣୀ ଉପରେ ନାତ୍ ଶରିଫ୍ ପଢ଼ି ପଢ଼ି ଯିବେ ବୋଲି ବୈଠକରେ ସ୍ଥିର କରାଯାଇଛି।

ବୈଠକରେ ମୁସ୍‌ଲିମ୍ ଜମାତର ଏସ୍.ଏମ୍. ଫାରୁକ୍, ହାଜୀ କାଶିମ ଖାନ, ହାଜୀ ଅନୱର ହୋସେନ, ଜମିଲ ଅଖତର ଖାନ, ହାଜୀ ସବ୍ବୀର ଅଲୀ, ହାଜୀ ତବାରକ୍ ଅଲି, ହାଜୀ ମତଲୁବ୍ ଖାନ, ହାଜି ଅବୁ ହୋସେନ, ଅଖତର ଅଲି, ଇଂ. ହବିବୁଲ୍ଲା ଖାନ, ଶେଖ୍ ହବିବୁଲ୍ଲା, ଶେଖ୍ ଅବୁକଲାମ, ମିଡିଆ ସେଲ୍ ସମ୍ପାଦକ ଶେଖ୍ ଅନୱର, ହାଜୀ ହିଫଜୁର ରହେମାନ, ହାଜୀ କୟୁମ ସାହା, ହାଜୀ ସଇଦ ସାହା ପ୍ରମୁଖ ଉପସ୍ଥିତ ଥିଲେ।

# ‘ବହୁ ପ୍ରତିଭାର ଅଧିକାରୀ ଥିଲେ ଅପୂର୍ବ’

ଭଦ୍ରକ,୨୭।୮(ସନାତନ ରାଉତ)



ସ୍ମୃତିସଭାରେ ଉପସ୍ଥିତ ଏମ୍‌ପି ଅଭିମନ୍ୟୁ ସେଠୀ ଓ ଅନ୍ୟମାନେ।

ସ୍ୱର୍ଗତ ଅପୂର୍ବ ରଞ୍ଜନ ରାୟ ଏକାଧାରରେ ଜଣେ ଲେଖକ, ସାହିତ୍ୟିକ, ପତ୍ରକାର, ସମାଜସେବୀ ଓ ପରୋପକାରୀ ଥିଲେ। ଗରିବ ଅସହାୟ ଲୋକଙ୍କ ସହାୟତା ପାଇଁ ତାଙ୍କର ଲେଖନୀ ସବୁବେଳେ ଚାଲିଥିଲା। ସେ ବହୁ ପ୍ରତିଭାର ଅଧିକାରୀ ଥିଲେ। ତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ଆଜିର ଛାତ୍ର ଓ ଯୁବକ ସମାଜ ପାଇଁ କିଛି କରିପାରିଲେ ତାଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳି ହୋଇପାରିବ ବୋଲି ସ୍ମୃତିସଭାରେ ମୁଖ୍ୟଅତିଥି ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ ମତବ୍ୟକ୍ତ କରିଥିଲେ। ସ୍ୱର୍ଗତ ରାୟଙ୍କ ୮ମ ଶ୍ରାଦ୍ଧବାର୍ଷିକୀ ଅବସରରେ ମଙ୍ଗଳବାର ଭଦ୍ରକ ନୂଆବଜାରସ୍ଥିତ ଭାଗବତ କଲ୍ୟାଣ ମଣ୍ଡପରେ ତ୍ୟାଗଭୂମିର ସଭାପତି ଅଜୟ ନାୟକଙ୍କ ସଭାପତିତ୍ୱରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଡା. ପ୍ରଦୀପ ନାୟକ, ଡା. ରବୀନ୍ଦ୍ର କୁମାର ନାୟକ, ଡା. ଦୁର୍ଯ୍ୟୋଧନ ଦାସ, ଶିକ୍ଷାବିତ୍ ବାସୁଦେବ ପାଣି ଓ ଯୁବନେତା ପ୍ରବୀର ଜେନା ଯୋଗଦେଇ ସାହିତ୍ୟ ପ୍ରତି ସ୍ୱର୍ଗତ ରାୟଙ୍କ ଅମୂଲ୍ୟ ଅବଦାନ ଉପରେ ଆଲୋକପାତ କରିବା ସହ ସେ ଭଦ୍ରକ ମାଟିର ଗର୍ବ ଥିଲେ ବୋଲି ସ୍ମୃତିଚାରଣ କରିଥିଲେ। ଭଦ୍ରକ କଲେଜର ପୂର୍ବତନ ଅଧ୍ୟକ୍ଷ ରାମଚନ୍ଦ୍ର ପଣ୍ଡା, ସ୍ତମ୍ଭକାର ଅଭୟ ସୂତାର, ସାହିତ୍ୟିକ ବାବୁଲାଲ ଦାସ, ଡା. ହରେକୃଷ୍ଣ ନାୟକ, ଶିକ୍ଷାବିତ୍ କମଳାକାନ୍ତ ସ୍ୱାଇଁ, ଦଳିତ ନେତା ରାଜେନ୍ଦ୍ର କୁମାର ଜେନା, କବୟିତ୍ରୀ ମନୋରମା ରାୟ, ଦମୟନ୍ତୀ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱର୍ଗତ ରାୟଙ୍କ ପୁଅ ରୂପକ ବିହାରୀ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଡିଜିଟାଲ ଫସଲ ସର୍ବେକ୍ଷଣ କର୍ମଶାଳା

ଭଣ୍ଡାରିପୋଖରୀ,୨୭।୮(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ବ୍ଲକସ୍ତରୀୟ ଡିଜିଟାଲ ଫସଲ ସର୍ବେକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରିଣୀ ସୁଦୀପ୍ତା ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ଏହି କର୍ମଶାଳାରେ ବିଡିଓ ଦେବଦତ୍ତ ଦାସ, ତହସିଲଦାର ସରୋଜକାନ୍ତ ନାୟକ, ଅତିରିକ୍ତ ତହସିଲଦାର ବିକ୍ରମ କୁମାର ମଲ୍ଲିକ, ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ ଯୋଗଦେଇ ସର୍ବେକ୍ଷଣ ପ୍ରଣାଳୀ ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ବ୍ଲକରେ ୧ ଲକ୍ଷ ୮୭ ହଜାର ୬୩୫ ପ୍ଲଟ୍‌ର ଡିଜିଟାଲ ସର୍ବେକ୍ଷଣ କରାଯିବ। କର୍ମଶାଳାରେ ବ୍ଲକ ଅଧୀନ ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଯୋଗ ଦେଇଥିଲେ।

# ଯୁବ ଯାଦବ ମହାସଭାର ଜନ୍ମାଷ୍ଟମୀ ଉତ୍ସବ




ଭଦ୍ରକ,୨୭।୮(ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଯୁବ ଯାଦବ ମହାସଭା ପକ୍ଷରୁ ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯାଇଥିଲା। ଚୁନିଦାସ୍ଥିତ ଯାଦବ ଭବନଠାରେ ଶ୍ରୀକୃଷ୍ଣଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ନରେ ସମସ୍ତ ବ୍ଲକରୁ ଯାଦବ ଭାଇମାନେ ବାଇପାସ୍‌ଠାରେ ଏକତ୍ର ହୋଇ ବାଦ୍ୟ ଯନ୍ତ୍ର, ଓଗାଳ, ଲଉଡ଼ି ଖେଳ କରି ପ୍ରଭୁ ଶ୍ରୀକୃଷ୍ଣଙ୍କୁ ରଥରେ ସୁସଜ୍ଜିତ କରି ନେଇ ଟାଉନହଲ୍‌ରେ ପହଞ୍ଚିଥିଲେ। ପରେ ଶ୍ରୀକୃଷ୍ଣଙ୍କ ଉପରେ ଆଧ୍ୟାତ୍ମିକ ଆଲୋଚନା ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ବିଶିଷ୍ଟ ଅତିଥି ସାମାଜିକ କର୍ମୀ ବିଧାୟକଙ୍କ ପ୍ରତିନିଧି ଶେଖର ଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ରାଜ୍ୟ ସମ୍ପାଦକ ଅମର ନାୟକ ଓ ଜିଲା କାର୍ଯ୍ୟକାରୀ ସଭାପତି ପ୍ରଭାକର ପରିଡ଼ା ଯୋଗ ଦେଇଥିଲେ।

ସାମାଜିକ କର୍ମୀ କଳ୍ପନା ଜେନାଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ହୋଇଥିଲା। ସଂଯୁକ୍ତା ଯାଦବ, ଶାନ୍ତିଲତା ବାରିକ, ଜାନକୀ ପାଢ଼ୀ, ରେଣୁବାଳା ଖିଲାର, ମନୋରମା ରାୟ, ସଂଯୁକ୍ତା ବଳ ନାୟକ, ଶଶିକଳା ମିଶ୍ର, ଚିନ୍ମୟିତା ମହାନ୍ତି, ଶ୍ୱେତପଦ୍ମା ଦାସ ବେହେରା ପ୍ରମୁଖ ଯୋଗଦେଇ କବିତାପାଠ, ଆଧ୍ୟାତ୍ମିକ ଆଲୋଚନା ଓ ପିଲାମାନଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା କରାଇଥିଲେ। ଆବାହକ କୃଷ୍ଣଚନ୍ଦ୍ର ବେହେରା, ଉପସଭାପତି ସଞ୍ଜୀବ ନାୟକ, ସାଧୁ ବାରିକ, ନିରୁ ବାରିକ, ପ୍ରଶାନ୍ତ ବେହେରା, ସତ୍ୟବ୍ରତ ଦାସ, ରାଜେଶ ବାରିକ, ଜଗତ ବାରିକ, ପୀୟୂଷ ଦାସ, ବାଣୀକଲ୍ୟାଣ ନାୟକ ପ୍ରମୁଖ କର୍ମକର୍ତ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ସନ୍ତୋଷ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଯାଦବ ନେତା ଅନିଲ ବାରିକ, ହରିଶ ବାରିକ, ରବି ଦାସ, କ୍ଷେତ୍ରବାସୀ ବାରିକ, ନିର୍ମଳ ତାତୁ, ରମାକାନ୍ତ ପଲେଇ, ଶିକ୍ଷାବିତ୍ ରମାକାନ୍ତ ନାୟକ, ପ୍ରଦୀପ ଦାସ, ବ୍ଲକ୍ ସଭାପତି ଓ ସମ୍ପାଦକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚୁନିଦାର ଉତ୍କଳ ତରଙ୍ଗ ଗ୍ରୁପ୍, ମନ୍ଦିରା ଓ ଉତ୍ସବ କ୍ରିଏଟିଭ ଗ୍ରୁପ୍‌ର ପିଲାମାନଙ୍କୁ ପ୍ରଶଂସାପତ୍ର ଦିଆଯାଇଥିଲା।

# ବଡ଼ ସରକାର ବାବାଙ୍କ ‘ଉର୍ଷ-ଏ-କାଦରିୟା’ ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ କାଦରୀ ବିରାଦରାନ କମିଟିର ସଦସ୍ୟ।

ଭଦ୍ରକ,୨୭।୮(ସନାତନ ରାଉତ)

ଆସନ୍ତା ସେପ୍ଟେମ୍ବର ୨୪ରେ ସୁଫି ହଜରତ ସୈୟଦ ଶାହା ନସିମ ଅଖତର କାଦରୀ ଓରଫ ବଡ଼ ସରକାର ବାବାଙ୍କ ୧୦ମ ବାର୍ଷିକ ‘ଉର୍ଷ-ଏ-କାଦରିୟା’ ଉତ୍ସବ ପାଳନ ହେବ। ଏଥିପାଇଁ ଭଦ୍ରକ କାଦରୀ ବିରାଦରାନ ପକ୍ଷରୁ ପୁରୁଣାବଜାରସ୍ଥିତ ତାଜ୍ ପ୍ୟାଲେସଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ଶେଖ୍ ହବିବୁଲ୍ଲା, ସମ୍ପାଦକ ଅଖତର ଅଲି ଖାନ୍ ଓ ମୁସ୍ତାକ ଗୌହରଙ୍କ ସଞ୍ଚାଳନରେ ବୈଠକ ହୋଇଥିଲା। ଭଦ୍ରକ ବାଇପାସ୍ ରୋଡ୍‌ସ୍ଥିତ ସରକାରନଗରଠାରେ ସନ୍ଧ୍ୟା ୭ଟାରୁ ଏକ ସର୍ବଭାରତୀୟ ଧର୍ମସଭା ଓ ମୁଶାଏରା ଆୟୋଜନ କରାଯିବ। ଏଥିରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ମୌଲାନା ଅଲ୍ଲାମା ପୀର ସୈୟଦ କାଶିମ ଅସରଫ ଓ ମୌଲାନା ସୈୟଦ ତଲହା ଅସରଫଙ୍କ ସମେତ ମୌଲାନା(ପଣ୍ଡିତ) ଓ ସାଏର(କବି)ମାନେ ଯୋଗଦେଇ ବଡ଼ ସରକାର ବାବାଙ୍କ ନୀତିବାଣୀ ଉପରେ ଆଲୋକପାତ କରିବେ। କାଦରୀ ବିରାଦରାନ କମିଟିର ସଭ୍ୟ ଶେଖ୍ ସବ୍‌ବିର ହୋସେନ, ଜାୱେଦ ଅଖତର, ଶେଖ୍ ଅଖତର ଅଲୀ, ଶେଖ୍ ଅବୁ କଲାମ, ନିୟାଜ ଅଖତର, ଶେଖ୍ କମରୁଦ୍ଦିନ, ଶେଖ୍ ନିୟାମତୁଲ୍ଲା, ସିରାଜ ଖାନ ପ୍ରମୁଖ ଉପସ୍ଥିତ ଥିଲେ।

# ଆପେ ଆପେ ଚିରିଯାଉଛି ପିନ୍ଧା ଲୁଗା

ବାସୁଦେବପୁର,୨୭।୮
(ନାରାୟଣ ପ୍ରସାଦ ବାରିକ୍)

ଡ୍ରେସ୍ ଓ ପିନ୍ଧା ଲୁଗା ଆପେ ଆପେ ଚିରି ଯାଉଛି। ଏପରିକି ଡ୍ରେସ୍ ଓ ଶାଢ଼ିଗୁଡ଼ିକ ଚିରିଯିବା ସ୍ଥାନରେ ବ୍ଲେଡ୍ ପଡୁଛି। ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଖରିଦାବିନାୟକପୁର ପଞ୍ଚାୟତର ଆଙ୍କୁଡ଼େଶ୍ୱରୀ ସାହିରେ ଏଭଳି ଘଟଣା ଦେଖିବାକୁ ମିଳିଥିବା ବେଳେ ଏଭଳି ଭୌତିକ କାଣ୍ଡକୁ ନେଇ ପରିବାର ଲୋକେ ଭୟଭୀତ ହୋଇପଡ଼ିଛନ୍ତି।

ସୂଚନା ଅନୁଯାୟୀ, ୧୫ ଦିନରୁ ଊର୍ଦ୍ଧ୍ୱ ହେବ ଉକ୍ତ ସାହିର ନରେନ୍ଦ୍ର ନାୟକଙ୍କ ଘରେ ଏଭଳି ଘଟଣା ଦେଖିବାକୁ ମିଳୁଛି। ନରେନ୍ଦ୍ରଙ୍କ ବୋହୂ ଓ ତାଙ୍କ ପରିବାରର ପିଲାମାନଙ୍କ ଡ୍ରେସ୍, ଲୁଗା ଆପେ ଚିରିଯାଉଛି। ଏଥିଯୋଗୁ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଶାଢ଼ି, ୧୫ରୁ ଊର୍ଦ୍ଧ୍ୱ ଡ୍ରେସ୍ ଓ ଅନ୍ୟ କେତେକ ଲୁଗାପଟା ଆପେ ଆପେ କଟିଯାଇଛି। ଘର ମଧ୍ୟରୁ



ଏକ ଡ୍ରେସ୍ ଚିରିଯାଇଥିବା ପରିବାର ଲୋକେ ଦେଖାଉଛନ୍ତି।

ମିଳିଥିବା କେତେକ ବ୍ଲେଡ୍‌କୁ ନିଆଁ ଲଗାଇ ପୋଡ଼ି ଦେଇଛନ୍ତି। ଅନ୍ୟ କେତୋଟି ବ୍ଲେଡ୍‌କୁ ନାଳରେ ପକାଇ ଦେଇଥିବା ବେଳେ କଟି ଯାଉଥିବା ଲୁଗାପଟାକୁ ଗୁଣିଆଙ୍କ ପରାମର୍ଶକ୍ରମେ ନଦୀପଠାରେ ପୋତି ଦିଆଯାଇଥିବା ନରେନ୍ଦ୍ର କହିଛନ୍ତି। ପରିବାରର ବୋହୂ ଏହାର ଶିକାର ହେଉଥିବା ସହ ପିଲାଙ୍କ ଡ୍ରେସ୍ କଟିଯାଉଥିବାରୁ କେହି ବ୍ୟକ୍ତି ଗୁଣିଗାରେଡ଼ି କରିଥିବା ସନ୍ଦେହ କରାଯାଉଛି। ଏହାକୁ ନେଇ ତାଙ୍କ ପରିବାର ସମେତ ଗାଁରେ ଭୟର ବାତାବରଣ ଦେଖାଦେଇଛି।

